THE SUNDAY SECTION OF NITIDIN

ନିତିଦିନ NITIDIN

ନଜର

ଓଟିଟିରେ ବହୁପ୍ରତୀକ୍ଷିତ
ଫିଲ୍ମ 'ତୃଷ୍ଣା'

ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୨୭ ଜୁଲାଇ ,୨୦୨୫

ଓଡ଼ିଆ ଅସ୍ମିତାର
ଆହାର

ଶ୍ରୀ ରାମକୃଷ୍ଣ ଚରିତାମୃତ(୬)

ମନୋଜ କୁମାର ମହାପାତ୍ର

ଦିନେ ଗୋଟିଏ ଘଟଣା ଯୋଗୁ ମାତା-ପିତା ତଥା ଅନ୍ୟ ସମ୍ପର୍କୀୟମାନଙ୍କୁ ବହୁତ ଚିନ୍ତାରେ ପକାଇଥିଲେ ଗଦାଧର। ପରବର୍ତ୍ତୀ କାଳରେ ଶ୍ରୀ ରାମକୃଷ୍ଣ ସେହି ଘଟଣାକୁ ଭକ୍ତମାନଙ୍କ ଆଗରେ ବର୍ଣ୍ଣନା କରି କହିଥିଲେ -

କାମାରପୁକୁରରେ ପିଲାମାନଙ୍କ ସହିତ ମୁଁ ମୁଢ଼ି ଅଣ୍ଟିରେ ବାନ୍ଧିଥିବା ଗାମୁଛାରେ ରଖି ଜମି ହିଡ଼ରେ ଚାଲିଚାଲି ଖେଳିବାକୁ ଯାଉଥିଲି। ଜୁନ୍ ଓ ଜୁଲାଇର କଥା। ମୋତେ ସେତେବେଳକୁ ଛଅ କି ସାତ ବର୍ଷ ହେବ। ମୁଢ଼ି ଖାଇଖାଇ ବିଲ ହିଡ଼ରେ ଚାଲିଯାଉଥିବା ସମୟରେ ଦେଖିଲି ଆକାଶରେ ଘୋଟିଆସିଲାଣି କଳାହାଣ୍ଡିଆ ମେଘ। ଆଉ ସେହି କଳାହାଣ୍ଡିଆ ମେଘ ଛାତିରେ ଉଡିଯାଉଥିଲେ ଧଳା ବକପଂକ୍ତି। ଆକାଶର କିଟିମିଟି କଳାଛାତିରେ ପୁଣି ଶୁଭ୍ର ବକମାଳାର ଉଡ୍ଡୟନର ଦୃଶ୍ୟ ଏତେ ସୁନ୍ଦର ଥିଲା ଯେ ମୋର ମନ କେଉଁ ସୁଦୂର ଜଗତକୁ ପରିବ୍ୟାପ୍ତ ହେଇଗଲା। ମୁଁ ଜ୍ଞାନଶୂନ୍ୟ ହୋଇ ତଳେ ପଡ଼ିଗଲି ଓ ମୋର ସବୁତକ ମୁଢ଼ି ତଳେ ବିଞ୍ଚି ହେଇଗଲା। କିନ୍ତୁ ଜମିରେ କାମ କରୁଥିବା କିଛି ଲୋକ ମୋର ଏଭଳି ଦଶା ଦେଖି ମୋତେ ଉଠାଇ ଘରକୁ ନେଇ ଆସିଥିଲେ। ଭାବନାରେ ଚେତନାଶୂନ୍ୟ ହେବାର ଏହା ଥିଲା ମୋର ପ୍ରଥମ ଅବକାଶ।

ଏଭଳି ଘଟଣା ଥରେ ଘଟି ନଥିଲା ବରଂ ତାଙ୍କ ପିଲାଦିନ ଜୀବନରେ ଏହିପରି ଆହୁରି ଦୁଇଥର ଘଟିଥିଲା ବୋଲି ଭକ୍ତମାନଙ୍କୁ କହିଥିଲେ - ଦିନେ ମୁଁ ଗାଁର ସ୍ତ୍ରୀ ଲୋକମାନଙ୍କ ସହିତ ମିଶି ନିକଟତମ ଗାଁକୁ ଦେବଦର୍ଶନ ପାଇଁ ଯାଉଥିବା ବେଳେ ଦିବ୍ୟଭାବନାରେ ଏଭଳି ଚେତନଶୂନ୍ୟ ହେଇଯାଇଥିଲି। ମୋତେ ସାଷ୍ଟାଙ୍ଗ କରି ଘରକୁ ନେଇଆସିଥିଲେ। ଅନ୍ୟ ଏକ ଦିନ, ଯେବେ ଶିବରାତ୍ରୀ ଗାଁରେ ପାଳିତ ହେଉଥିଲା। ଗାଁରେ ଏକ ନାଟକରେ ଶିବ ବେଶରେ ମୁଁ ଅଭିନୟ କରୁଥିଲି, କିନ୍ତୁ ଦେବଦେବ ମହାଦେବଙ୍କର ଦିବ୍ୟଲୀଳାରେ ଏପରି ନିମଗ୍ନ ହେଇଗଲି ଯେ ମୋର ଚେତା ଚାଲିଗଲା। ଲୋକେ ମୋର ଚେତାକୁ ଫେରାଇ ଆଣିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ।

ସାଲ ୧୮୪୩ରେ ଖୁଦିରାମଙ୍କ ଦେହାନ୍ତ ହେଲା ଏବଂ ପରିବାରର ସାରା ବୋଝ ଜ୍ୟେଷ୍ଠପୁତ୍ର ରାମକୁମାରଙ୍କ କାନ୍ଧରେ ନ୍ୟସ୍ତ ହେଲା। ଖୁଦିରାମଙ୍କ ମୃତ୍ୟୁରେ ଗଦାଧରଙ୍କର ମନରେ ବଡ଼ ପରିବର୍ତ୍ତନ ଆସିଲା। ପିତାଙ୍କ ମୃତ୍ୟୁରେ ଜୀବନର ଅସାରତା ପ୍ରତି ମୁହୂର୍ତ୍ତରେ ସେ ଅନୁଭବ କଲେ, ସତେକି ଏହି ସଂସାର କ୍ଷଣସ୍ଥାୟୀ। ଅଳ୍ପ ବୟସରୁ ସେ ଶ୍ମଶାନ ନିକଟବର୍ତ୍ତୀ ଆମ୍ବ ବଗିଚାକୁ ଚାଲି ଯାଉଥିଲେ ଓ ସେଠି ଘଣ୍ଟା ଘଣ୍ଟା ଧରି ଆଧାତ୍ମିକ ଭାବନାରେ ମଜ୍ଜି ଯାଉଥିଲେ। ଏମନ୍ତ ବିଷମ ପରିସ୍ଥିତିରେ ସେ ଭୁଲିପାରିଲେନି ସ୍ନେହମୟୀ ମାଆଙ୍କ ପ୍ରତି ରହିଥିବା ତାଙ୍କର କର୍ତ୍ତବ୍ୟ। ମାଆଙ୍କୁ ସେ ଅତ୍ୟନ୍ତ ଭଲ ପାଉଥିଲେ। ପିତାଙ୍କ ପରେ ମାତାଙ୍କର ଦୁଃଖ ଦୂର କରିବା ପାଇଁ ଯଥାସାଧ ଚେଷ୍ଟା କଲେ। ସେ କେମିତି ଆନନ୍ଦରେ ଜୀବନଯାପନ କରିବେ ସେଥିପାଇଁ ସେ ମା'ଙ୍କୁ କ୍ଷଣକ ପାଇଁ ପାଖଛଡା କରୁନଥିଲେ।

ଇତ୍ୟବସରେ ସାଧୁମାନଙ୍କର ସଂସର୍ଗରେ ଆସି ଗଦାଧରଙ୍କ ଆନନ୍ଦ ପ୍ରାପ୍ତିର ଏକ ନୂତନ ଦିଗ ଉନ୍ମୋଚିତ ହେବାକୁ ଲାଗିଲା। କାମାରପୁକୁର ଗ୍ରାମର ଜମିଦାର ଲାହା ପରିବାର ଦ୍ୱାରା ନିର୍ମିତ ଧର୍ମଶାଳାରେ ସାଧୁସନ୍ଥମାନେ ଆସି ରହୁଥିଲେ। ଏକଦା ନିଜର ଗେହ୍ଲା ପୁଅ ଶରୀରରେ ଭସ୍ମ ଲେପନ କରି ସାଧୁବାବାଙ୍କ ପରି କୌପୀନ ପିନ୍ଧି ସାମ୍ନାରେ ଛିଡ଼ା ହେବାର ଦେଖି ଚନ୍ଦ୍ରାଦେବୀ ସ୍ତମ୍ଭିତ ହୋଇଯାଇଥିଲେ। ପରିବ୍ରାଜକ ସାଧୁମାନଙ୍କ ସଂଗୀତ ତଥା ଧର୍ମଶାସ୍ତ୍ର ଚର୍ଚ୍ଚା ଶ୍ରବଣ କରି ଅଧିକରୁ ଅଧିକ ସମୟ ସେଠାରେ ରହିଯାଉଥିଲେ ଏବଂ ସେମାନଙ୍କ ସହିତ ଧ୍ୟାନ ଧାରଣାରେ ସେ ମଗ୍ନ ରହୁଥିଲେ। ସାଧୁସନ୍ଥଙ୍କର ସହଚର୍ଯ୍ୟ ପାଇ ତାଙ୍କର ମନ ଧୀରେ ଧୀରେ ଅନ୍ତର୍ମୁଖୀ ହେବାକୁ ଲାଗିଲା ଏବଂ ସମସ୍ତ ବ୍ୟବହାର୍ଯ୍ୟ ବସ୍ତୁ ପ୍ରତି ତାଙ୍କର ବୈରାଗ୍ୟ ଜାତହେଲା। ତାଙ୍କ ଭିତରେ ଜମାଟ ବାନ୍ଧିଥିବା ଉଦାସୀନ ଭାବ କ୍ରମଶଃ ପ୍ରକଟିତ ହେଲା। ପ୍ରତୀୟମାନ ହେଉଥିଲା ସେ ଏକ ନୂତଣ ଜଗତର ଅନ୍ୱେଷଣରେ ଅଛନ୍ତି। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



ସାର୍ଥକ ଜୀବନ

ମଣିଷ ସବୁବେଳେ ଭାବିବା ଦରକାର ଯେ ଜନ୍ମ ହେବାର ସାର୍ଥକତା କଣ ଥାଇପାରେ । କାହିଁକି ଜନ୍ମ ହୋଇଛି, ତାହାର କାମ କଣ, କେଉଁ ଉଦ୍ଦେଶ୍ୟରେ ଏ ଦୁର୍ଲ୍ଲଭ ଜୀବନ ଭଗବାନ ଦେଇଛନ୍ତି । ଅନେକ ସମୟରେ ମଣିଷ ବିଭିନ୍ନ ଭ୍ରମରେ ପଡ଼ି, ଏ ମୂଲ୍ୟବାନ ଜୀବନକୁ କାଣିଚାଏ ବି ଭଲ କାମରେ ବ୍ୟବହାର କରିପାରେନାହିଁ । ନିଜକୁ ଏମିତି ଭାବରେ ଖର୍ଚ୍ଚ କରିଦେଇଥାଏ ଯେ, ଶେଷକୁ ଆବିଷ୍କାର କରିବା ବେଳକୁ ଯେଉଁ ନର୍କରୁ ଉଦ୍ଧାର ହୁଏ, ଲୋକେ ମୃତ୍ୟୁବେଳକୁ କୁହନ୍ତି, ଲୋକଟା ଜୀବନ ସାରା ପାଇଲା କଣ ? ଅର୍ଥସ୍ୱର୍ବସ୍ୱ ହୋଇ ନିଜ ଭିତରେ ବଞ୍ଚିବାକୁ ଯେଭଳି ଭାବରେ ବିକଳ ହେଉଥିଲା, ସେମିତି ଭଲରେ ବଞ୍ଚିପାରିଲା କି ? ନା, ଅନେକ ଅନୁଶୋଚନା, ଦୁଃଖକୁ ସାଥି କରି ଯେଉଁ ମାୟାରେ ନିଜକୁ ଘାଣ୍ଟିସନ୍ତୁଳି ସାରିଲା, ସେଥିରେ କିଛି ବି ମିଳିଲାନି । ଯେମିତି କୋଟି କୋଟି ଲୋକ ମରି ପଚିସଢ଼ିଯାଇ ମାଟିରେ ମିଶିଯାଇଥିଲେ, ସେମିତି ବି ମାଟିରେ ମିଶିଗଲା । ଯେଉଁମାନଙ୍କ ସଂସାରର ବେଢ଼ି ଗୋଡ଼ରେ ପଡ଼ିଥିଲା, ସେମାନେ ମଶାଣୀରୁ ଜବରଦସ୍ତ ଭାବରେ ସମ୍ପର୍କମୁକ୍ତ କରି ଘରକୁ ଫେରିଆସିଲେ, କେହିଜଣେ ଆତ୍ମୀୟସ୍ୱଜନ ଏଘରେ ବାସ କରୁଥିଲା ବୋଲି ସେହିଦିନରୁ ଭୁଲିବାକୁ ଲାଗିଲେ । ମାୟାରେ ଭ୍ରମୁଥିବା ମନ କେବେ ବୁଝେନାହିଁ, କେଉଁ ପଥ ତା ପାଇଁ ସୁଗମ । ସବୁବେଳେ ମନ ଚାହେଁ ଦୁନିଆର ସବୁରୋଚକ ଜିନିଷର ଅଧିକାର ସାବ୍ୟସ୍ତ କରିବା, ତାହା ସତ ହେଉକି ଅସତ। ମନ କେବେ ବୁଝେ ନାହିଁ କେଉଁ ଉପାୟରେ ମଣିଷ ତାହାକୁ ଆୟର ପନ୍ଥାଭାବରେ ଗ୍ରହଣ କରେ । ମନ ନିୟନ୍ତ୍ରଣ ନୁହେଁ ସୁଖ ଚାହେଁ ଯେମିତିକି ମଣିଷ ସେହି ମାୟାରେ ବଳେବଳେ ଛନ୍ଦି ହୋଇଯାଇଥାଏ ।

ନିଜର ବିଚାରଧାରା, ଆତ୍ମଚିନ୍ତନକୁ ପ୍ରାୟମଣିଷ ସତକର୍ମରେ ବ୍ୟବହାର କରି ପାରନ୍ତି ନାହିଁ । ଯେଉଁ ମାୟାରେ ବାନ୍ଧି ହୋଇଯାଆନ୍ତି, ଭାବନ୍ତି ଏହି ବୋଧେ ସେମାନଙ୍କ ପାଇଁ ଗ୍ରହଣୀୟ ବା କରଣୀୟ ଥିଲା । ନିଜର ସାମୟିକ ସୁଖପାଇଁ କାହାର ଯଦି କିଛି ଅନିଷ୍ଟ କରିବାକୁ ପଡ଼େ, ତାହା କରିବାକୁ ପଛାଇ ଯାଇନଥାନ୍ତି । ସାମାଜିକ ଭାବରେ ବୈଚାରିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମନୁଷ୍ୟତ୍ୱ ମାନବପଣିଆର ଏକ ଆଧାର,ଯାହା ଦୟା,କ୍ଷମା,ସହାନୁଭୂତି, ପରୋପକାରର ଏକ ରୂପମାତ୍ର । ଅର୍ଥକୁ ଆଖିଆଗରେ ରଖି ଯାହାକିଛି ଆୟର ମାଧ୍ୟମରୂପରେ ନିଏ, ତାହା ପରମାର୍ଥିକ କି ? ଯଦି ନୁହେଁ, କାହିଁକି ମିଛରେ ମାତ୍ର ଏଛୋଟିଆ ଜୀବନଟିକୁ ମନର ଖୋରାକ ଭାବରେ ଅମୃତ ଭରିନଦେଇ ବିଷ ଭରି ଚାଲିଥାଏ ସବୁବେଳେ।

ବିଶ୍ୱ ବ୍ରହ୍ମାଣ୍ଡରେ ବିଦ୍ୟମାନ ବଣ, ଜଙ୍ଗଲ, ପାହାଡ଼, ପର୍ବତ ଭଳି ନୈସର୍ଗିକ ଆଧାରଗୁଡ଼ିକ ସେମିତି କେଉଁକାଳରୁ ରହିଆସିଛି, ହେଲେ ଜୀବଜଗତର ଶ୍ରେଷ୍ଠଜୀବ ଭାବରେ ମଣିଷ ନିଜ ଅହଂକାରରେ ଜୀବନସାରା ଜଳିଛି ସିନା ହେଲେ ଆତ୍ମାକୁ ଟିକେ ଶାନ୍ତି ଦେଇପାରି ନାହିଁ। ପାର୍ଥିକ ଶରୀରରକୁ ଖୋରାକ ଯୋଗାଇ ନିଜକୁ ନିଶେଷ କରିଦେଇଛି ସିନା ନିଜର ଆତ୍ମାକୁ କେବେ ଚିହ୍ନିବାର ଆଗ୍ରହ ପ୍ରକାଶ କରିନାହିଁ। ଯେତେବେଳେ ମଣିଷ ନିଜର ଆତ୍ମାକୁ ଚିହ୍ନିବ, ସେତେବେଳେ ଦୁନିଆକୁ ଚିହ୍ନିବାର ଅବକାଶ ପାଇପାରିବ। ଯିଏ ନିଜ ଆତ୍ମାକୁ ଗଣ୍ଡେ ଖୋରାକ, ନିଜକୁ ନିଜଠାରୁ ମୁକ୍ତ କରିପାରିନି, ସିଏ କେମିତି ଏ ମାୟାବନ୍ଧନରୁ ମୁକ୍ତ ହୋଇପାରିବ। ବରଂ ସେମିତି କେଉଁ ଏକ ମାୟାରେ ବା ସ୍ୱାର୍ଥରେ ବାନ୍ଧିହୋଇ ଦୁଃଖଯାତନା ପାଉଥିବ ସିନା ସୁଖର ସନ୍ଧାନ କରିପାରିବ ନାହିଁ।

ଓଡ଼ିଆ ଅସ୍ମିତାର ଆହାର

ଅରୁଣ କୁମାର ନାୟକ

ସ୍ୱାସ୍ଥ୍ୟ ସହ ଖାଦ୍ୟର ସଂପର୍କ ଖୁବ୍ ନିବିଡ଼। ଉତ୍ତମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ଭଲ ରହେ ଏକଥା ସମସ୍ତେ ଜାଣନ୍ତି। ଏସବୁ ସତ୍ତ୍ୱେ ଆମେ ଆମର ପାରମ୍ପରିକ ଖାଦ୍ୟକୁ ବଦଳାଇବାରେ ଲାଗିଛେ। ବଜାରରେ ବା ରାସ୍ତାର କଡ଼ରେ ମିଳୁଥିବା ଖାଦ୍ୟ ଉପରେ ବେଶି ବେଶି ନିର୍ଭର କରୁଛେ। ସମୟ ଥିଲା ଯେଉଁମାନେ କୌଣସି କାମରେ ବାହାରକୁ ଯାଉଥିଲେ ସେମାନେ ହୋଟେଲ ବା ରେସ୍ତୋରାଁରେ ଖାଇବା କଥା ଚିନ୍ତା କରୁଥିଲେ। ମାତ୍ର ଏବେ ଆମେ ଘରେ ଥାଇ ବି ବାହାର ଖାଦ୍ୟ ଉପରେ ନିର୍ଭର କରୁଛୁ। ଘରେ ବସି ନିର୍ଦ୍ଦିଷ୍ଟ ରେସ୍ତୋରାଁର ଖାଦ୍ୟ ମଗାଇବାର ସୁବିଧା ଉପଲବ୍ଧ ହେଲାଣି। ପୂଜାପର୍ବରେ ଘରେ ଭୋଜି ରାନ୍ଧିବାର ବ୍ୟବସ୍ଥା ବନ୍ଦ ହେଇ ଗଲାଣି। ବାହାରୁ ଖାଦ୍ୟ ମଗାଇ ଅତିଥିମାନଙ୍କୁ ପରଶିଦେବାର ବ୍ୟବସ୍ଥା ହେଲାଣି। ଏଇ ସବୁ ଖାଦ୍ୟ ଆମକୁ ସାଦିଷ୍ଟ ଲାଗିପାରେ, ମାତ୍ର ଏହାର ଶୁଦ୍ଧତା ଓ ପରିଚ୍ଛନ୍ନତା ବିଷୟରେ ଆମେ ଧ୍ୟାନ ଦେଇ ନଥାଉ। ଏହିସବୁ ଖାଦ୍ୟରେ କି ପ୍ରକାର ସାମଗ୍ରୀର ବ୍ୟବହାର ହେଇଛି ଓ ତା'ର ମାନ କିପରି ଅଛି ଆମେ ଯାଞ୍ଚ କରି ନଥାଉ। ଏହି କାରଣରୁ ଅନେକ ସମୟରେ ଆମେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖିନ ହେଇଥାଉ। ସଙ୍ଗେ ସଙ୍ଗେ ଅନୁଭବ କରି ନପାରିଲେ ବି ପରେ ଅନେକ ପ୍ରକାରର ରୋଗରେ ଆକ୍ରାନ୍ତ ହେଇଥାଉ। ଏସବୁ ସତ୍ତ୍ୱେ ଆମେ ବେଶି ବେଶି ବାହାର ଖାଦ୍ୟ ଉପରେ ନିର୍ଭରଶୀଳ ହେଇ ପଡୁଛୁ। ନିଜର ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ କରିବାକୁ ଆଗ୍ରହ ପ୍ରକାଶ କରୁନାହୁଁ। ଧୀରେ ଧୀରେ ଆମର ପାରମ୍ପରିକ ଖାଦ୍ୟ ଓ ଖାଦ୍ୟର ପ୍ରସ୍ତୁତି ଠାରୁ ଆମେ ଦୂରେଇ ଯାଉଛୁ।

ଆମ ପିଲାବେଳେ ଆମର ଖାଦ୍ୟ ଆମ ରୋଷେଇ ଘରେ ହିଁ ରନ୍ଧା ହେଉଥିଲା। ସାଧାରଣ ଦିନସବୁରେ ଭାତ, ଡାଲି, ଭଜା, ଶାଗ, ବେସର ହେଉଥିବା ବେଳେ ପୂଜାପର୍ବ ଦିନସବୁରେ କ୍ଷୀରି, ପୁରି, ଖେଚୁଡ଼ି ଓ ବିଭିନ୍ନ ପ୍ରକାରର ପିଠାପଣା ପ୍ରସ୍ତୁତ କରା ଯାଉଥିଲା। ଏହି ସବୁ ଖାଦ୍ୟ ପାଇଁ ଯାହା ସାମଗ୍ରୀର ଆବଶ୍ୟକ ହେଉଥିଲା, ସେସବୁ ଘରେ ହିଁ ପ୍ରସ୍ତୁତ ହେଉଥିଲା। ସେଥିପାଇଁ ଏହା ସାଦିଷ୍ଟ ଓ ସ୍ୱାସ୍ଥ୍ୟକର ଥିଲା। ସବୁଠାରୁ ବଡ଼ କଥା ହେଲା ବିଭିନ୍ନ ପର୍ବପର୍ବାଣୀ ଓ ଋତୁ ସହିତ ଆମ ଖାଦ୍ୟର ପରମ୍ପରା ଯୋଡ଼ି ହୋଇ ରହିଥିଲା। ଏହା କେବଳ ଉତ୍ସବ ପାଳନର ଉଦ୍ଦେଶ୍ୟ ନଥିଲା। ଏହା ଆମର ସ୍ୱାସ୍ଥ୍ୟ ଓ କୃଷିଭିତ୍ତିକ ଚଳଣି ସହିତ ସଂପର୍କିତ ଥିଲା। ଆମ ରାଜ୍ୟରେ ବାରମାସରେ ତେରପର୍ବ ପାଳନ ହୁଏ। ସବୁ ପର୍ବପର୍ବାଣି ସହିତ ସେ ସମୟରେ ମିଳୁଥିବା ପନିପରିବା ଓ ବିଲବାଡ଼ିରୁ ଉତ୍ପାଦିତ ଶସ୍ୟର ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତିର ନିଆରା ପରମ୍ପରା ରହିଛି।

ମାଘ ମାସ (ଜାନୁଆରୀ- ଫେବ୍ରୁଆରୀ)

ମାଘ ମାସରେ ବା ଇଂରାଜୀ ବର୍ଷର ଆରମ୍ଭରୁ ଜାନୁଆରୀ ମାସରେ ମକର ସଂକ୍ରାନ୍ତି ଆସେ। ଏହିଦିନ ଏକ ସ୍ୱତନ୍ତ୍ର ମକର ଚାଉଳ ପ୍ରସ୍ତୁତ ହୁଏ। ଏଥିରେ ପୂର୍ବରୁ ଭିଜା ହେଇଥିବା ନୂଆ ଅରୁଆ ଚାଉଳ, ନଡ଼ିଆ, କଦଳୀ, ଦେଶୀ ଘିଅ ଓ ଗୁଡ଼ ଇତ୍ୟାଦି ବ୍ୟବହାର ହୁଏ। ଏହା ଖୁବ୍ ସ୍ୱାଦିଷ୍ଟ ଅଟେ। ଆମ ଓଡ଼ିଆ ଘରର ଝିଅମାନେ ପରସ୍ପରକୁ ମକର ଖୁଆଇ ମକର ଡକାଡକି ହେଉଥିଲେ। ଏହି ମାସରେ ଶାମ୍ବ ଦଶମୀ ବି ପଡ଼ିଥାଏ। କିମ୍ବଦନ୍ତୀ ଅନୁସାରେ ଶ୍ରୀକୃଷ୍ଣଙ୍କ ପୁଅ ଶାମ୍ବ ସେଦିନ ସୂର୍ଯ୍ୟ ଉପାସନା କରି ଦୂରାରୋଗ୍ୟ କୁଷ୍ଠ ରୋଗରୁ ଆରୋଗ୍ୟ ହେଇଥିଲେ। ଓଡିଆ ଘରର ମା' ମାନେ ଉଦୟ ସୂର୍ଯ୍ୟ ଓ ଅସ୍ତଗାମୀ ସୂର୍ଯ୍ୟଙ୍କୁ ବିଭିନ୍ନ ପ୍ରକାରର ବିଧିବିଧାନ ଓ ବ୍ୟଞ୍ଜନରେ ଆପ୍ୟାୟିତ କରି ପିଲାମାନଙ୍କର ସୁସ୍ଥତା କାମନା କରନ୍ତି। ସେଥିପାଇଁ ଶୀତଦିନର ସବୁଜ ପନିପରିବାର ଘାଣ୍ଟ, ଖେଚୁଡ଼ି ଓ କ୍ଷୀରି ପ୍ରସ୍ତୁତ କରାଯାଏ। ଏହାର ବିଶେଷତ୍ୱ ହେଲା ଏହିସବୁ ଖାଦ୍ୟ ସାତଟି ବାଇଗଣ ପତ୍ରରେ ଅଗଣା ମଝିରେ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ ହୁଏ। ଛୋଟ ଛୋଟ ପିଲା ଘରକୁ ଘର ବୁଲି ବାଇଗଣ ପତ୍ରରେ ଖାଇବାକୁ ଖୁସି ହୁଅନ୍ତି। ଆହୁରି ମଧ୍ୟ ପୂଜା ହୁଏ ସଜ ତିଆରି ଗୁଡ଼ ପକା ବୁଢ଼ା ଚକୁଳି। ଏହି ସମୟରେ ଜମିରେ ଆଳୁ ଚାଷ ସହିତ ମୂଳା ଓ ସୋରିଷ ଲଗା ହେଇଥାଏ। କୋଶଳା, ପାଳଙ୍ଗ ଓ ମେଥିଶାଗ ମଧ୍ୟ ଲଗାଯାଏ। ଶୀତଦିନେ ଗରମ ଗରମ ମେଥି ପରଟା ଓ ମେଥିଶାଗ ପୁରିର ସ୍ୱାଦ ଯେତିକି ଅଧିକ, ଦେହ ପାଇଁ ସେତିକି ହିତକର।

ଫାଲଗୁନ ମାସ (ଫେବ୍ରୁଆରୀ- ମାର୍ଚ୍ଚ)

ଏହି ସମୟରେ ବାଡ଼ି ବଗିଚାରେ ପ୍ରଚୁର ପରିମାଣରେ ବନ୍ଧା କୋବି ଓ ବିଲାତି ବାଇଗଣ ଫଳିଥାଏ। ବିଦ୍ୟାଳୟର ସରସ୍ୱତୀ ପୂଜା ଭୋଜିରେ ଭାତ, ଡାଲି ସହ ବନ୍ଧା କୋବି ତରକାରି ଓ ବିଲାତି ବାଇଗଣ ଖଟା ନିଶ୍ଚୟ ହୁଏ। ଯିଏ ସ୍କୁଲ ଜୀବନରେ ଏଇ ଭୋଜିର ସ୍ୱାଦ ଚାଖିଛନ୍ତି, କେବେ ବି ଭୁଲିବେନି। ଆଜିକାଲି ଅତ୍ୟଧିକ ସାର ପ୍ରୟୋଗ କରାଯାଇ ଚାଷ ହେଉଥିବା ବନ୍ଧା କୋବି ସାରା ବର୍ଷ ଚାଉମିନ୍, ରୋଲ୍ ଓ ମୋମୋରେ ବ୍ୟବହାର କରାଯାଏ। ହେଲେ ବନ୍ଧାକୋବିର ସେ ସ୍ୱାଦ ଆଜି ମିଳେନା। ଏହି ମାସରେ ବି ଶୀତଋତୁର ବିଦାୟ ଦେବାକୁ ଆସେ ଅଗ୍ନି ଉତ୍ସବ। ଗାଁମୁଣ୍ଡରେ ନଡ଼ା କୁଟାର ଗଦାରେ ନିଆଁ ଜଳାଇ ଦିଆଯାଏ। ସେଇ ନିଆଁରେ ଆଳୁ, ବାଇଗଣ ଓ କନ୍ଦମୂଳ ପୋଡ଼ାଯାଏ। କୁହାଯାଏ ଏହି ନିଆଁରେ ପୋଡ଼ିଥିବା ପରିବାସବୁ ବର୍ଷର ଏହି ସମୟରେ ଖାଇଲେ ଚର୍ମ ରୋଗ ହୁଏନାହିଁ। ଏହା ଖାଇବାକୁ ବି ଖୁବ୍ ସୁଆଦିଆ।

■ ପ୍ରଚ୍ଛଦ

ଚୈତ୍ର ମାସ (ମାର୍ଚ୍ଚ-ଏପ୍ରିଲ)

ଏହି ମାସରେ ଆମ୍ବ ଗଛରେ ଆମ୍ବ ଚଣା ଟିକିଏ ବଡ ହୁଏ । ଦୋଳ ଉତ୍ସବରେ କଷି ଆମ୍ବ ପେନ୍ଥା ଠାକୁରଙ୍କ ବିମାନରେ ଝୁଲୁଥାଏ । ଏହି ସମୟରେ କଞ୍ଚା ଆମ୍ବର ଚଟଣି ଘରେ ଘରେ ତିଆରି ହୁଏ । ଖରା ଆରମ୍ଭ ହେଲେ ଲିମ୍ବଗଛରେ ଖୁନ୍ଦି ହେଇ ଯାଏ କଅଁଳିଆ ପତ୍ର ଓ କଢ । କଅଁଳିଆ କଢ ଓ ଲିମ୍ବପତ୍ରକୁ ଆଳୁ ଓ ବାଇଗଣ ଦେଇ ସବୁ ଓଡ଼ିଆ ଘରେ ରନ୍ଧାଯାଏ । ଲିମ୍ବପତ୍ର , ଲିମ୍ବ କଢ ଏମିତିକି ଲିମ୍ବ ଗଛର ଫୁଲ ବି ଚର୍ମରୋଗର ନିରାକରଣ ପାଇଁ ଖୁବ୍ ଭଲ ।

ବୈଶାଖ ମାସ (ଏପ୍ରିଲ-ମେ)

ବୈଶାଖ ମାସରେ ବାଡି ବଗିଚାରେ ଗଛରେ ବେଲ ପାଚିବାକୁ ଆରମ୍ଭ ହୁଏ । ଖରାଦିନେ ବେଲପଣା ଭାରି ଭଲ ଲାଗେ । ବେଲ ସହିତ ନଡିଆ, କଦଳି ଓ ଛେନା ମିଶାଇ, ନବାତ ପଡି ଆମ ମନ୍ଦିରମାନଙ୍କରେ ବେଲପଣା ଭୋଗ ଲଗାଯାଏ । ଘରେ ଘରେ କଞ୍ଚା ବେଲ ଓ ପାଚିଲା ବେଲର ପଣା ହୁଏ । ପେଟ ପାଇଁ, ବିଶେଷ କରି ଆମର ପାଚନ କ୍ରିୟା ଓ ଅମ୍ଳ ରୋଗୀଙ୍କ ପାଇଁ ଖୁବ୍ ଉପାଦେୟ । ବୈଶାଖର ଚନ୍ଦନ ଯାତ୍ରା ପାଇଁ ଆମ ବଡଦେଉଳରୁ ବାହାରି ମଦନମୋହନଙ୍କ ପ୍ରତିମା ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ନରେନ୍ଦ୍ର ପୋଖରୀରେ ନୌକା ବିହାର କରନ୍ତି । ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ଦହିଭାତ, ପଖାଳ ଭାତ, ଦହି ଚହ୍ଲା, ତରଭୁଜ ସରବତ ଆଦି କେତେ ପ୍ରକାରର ଶୀତଳ ଖାଦ୍ୟ ପାନୀୟର ପ୍ରସ୍ତୁତି ହୁଏ ଓଡିଶାର ରୋଷେଇ ଘରେ ।

ଜ୍ୟେଷ୍ଠ ମାସ (ମେ- ଜୁନ୍)

ଜମିରୁ ତାଜା ଅମଳ ହେଇ ଆସିଥିବା ମୁଗ ଓ କୋଳଥ ଡାଲି ବ୍ୟବହାର ଏ ମାସରେ ଘରେ ଘରେ ହେଇଥାଏ । ମୁଗ, ନଡିଆ ପଡି ସଜନାଶାଗ ତରକାରି ହୁଏ, ଯାହା ପ୍ରାୟ ସମସ୍ତଙ୍କର ପ୍ରିୟ । କୋଳଥ ଡାଲିରେ ଆମ୍ବୁଲ ପକାଇ ମଝିରେ ମଝିରେ ପରଷି ଦିଅନ୍ତି ଓଡ଼ିଆ ଗୃହିଣୀ । ଏବେ ଜଣାପଡୁଛି ଯେ କୋଳଥ ଡାଲି ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ ଏବଂ ପେଟର ପଥୁରୀ ରୋଗକୁ ଏହା ଭଲ କରିପାରେ । ସଜନା ଶାଗ, ସଜନା ଫୁଲ, ସଜନା ଛୁଇଁ ଏସବୁର ମୂଲ୍ୟ ଏବେ ଆନ୍ତର୍ଜାତିୟ ବଜାରରେ କାହିଁରେ କେତେ । କୋଭିଡ୍ ମହାମାରୀ ସମୟରେ ଡାକ୍ତରମାନେ ସଜନା ଶାଗ ଓ ଫୁଲର ସ୍ୱତନ୍ତ୍ର ଔଷଧୀୟ ଗୁଣ ସଂପର୍କରେ ସମସ୍ତଙ୍କୁ ସଚେତନ କରାଉଥିଲେ । ତା ଛଡା ପ୍ରତିଦିନ ସଜନା ପତ୍ର ଖାଇବା ଉଚ୍ଚ ରକ୍ତଚାପ ଓ ସ୍ତ୍ରୀରୋଗର ସ୍ଥାୟୀ ନିଦାନ ବୋଲି ଏବେ ସମସ୍ତେ ଜାଣି ସାରିଲେଣି । ଦିନେ ଯେଉଁ ସଜନାଶାଗ ଆମ ଗାଁ ଗହଳିରେ ସାହି ପଡିଶାରେ ଦିଆନିଆ ହେଉଥିଲା, ଏବେ ତାର ବଜାରଦର ବି ଆକାଶଛୁଆଁ ।

ଆଷାଢ ମାସ (ଜୁନ୍- ଜୁଲାଇ)

ଆଷାଢର ରଜ ଉତ୍ସବ ଆମ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ । ଏହି ପର୍ବ ତିନିଦିନ ଧରି ପାଳିତ ହୁଏ । ପ୍ରଥମ ରଜ ପୂର୍ବଦିନ ସଜବାଜ ପାଇଁ ଘରେ ସମସ୍ତେ ତତ୍ପର ରହନ୍ତି । ପ୍ରଥମ ରଜର ପାହାନ୍ତିଆ ପହରରେ ବାହାରେ ପୂର୍ବରାତିର ରୋଷେଇ ପରେ କାଠଚୁଲିରେ ନିଆଁରେ ପୋଡିଥିବା ପୋଡପିଠା । ଏ ପିଠାରେ ଚାଉଳ ଚୂନା, ଗୁଡ ଓ ନଡିଆ ପଡେ । ଏହି ତିନିଟି ସାମଗ୍ରୀର ମିଶ୍ରଣରେ ତିଆରି ହୁଏ ଜନ୍ତୁଣି । ତାକୁ ମାଟି ପଲକରେ କଦଳି ପତ୍ର ଘୋଡାଇ ରଡନିଆଁ ଉପରେ ବସାଯାଇଥାଏ । ଏହା ଉପରେ ମଧ୍ୟ ଅଙ୍ଗାର ନିଆଁ ଦିଆଯାଏ । ପିଠାଟି ନିଆଁ ଆଞ୍ଚରେ ଭଲ ଭାବରେ ପଡିଯିବା ପରେ ଏହାକୁ ଥଣ୍ଡା ହେବାକୁ ଛାଡି ଦିଆଯାଏ । ତା'ପରେ ଏହାକୁ ଛୋଟ ଛୋଟ ଖଣ୍ଡରେ କଟାଯାଏ । ଏହାର ସ୍ୱାଦ ଖୁବ୍ ନିଆରା ।

ମାଟିପାତ୍ରରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଦେହ ପାଇଁ ଖୁବ୍ ଭଲ । ଏବେ ଆମେ ଘରେ ମାଟିର ପାତ୍ର ବ୍ୟବହାର ଆଦୌ କରୁନାହୁଁ । ଅଥଚ ବାହାରେ ମାଟିପାତ୍ର ପ୍ରସ୍ତୁତ ଖାଦ୍ୟ ପାଇଁ ବହୁତ ଅର୍ଥ ଦେବାକୁ ପ୍ରସ୍ତୁତ ଅଛୁ । ରଜର ବାକି ଦୁଇଦିନ ଘରେ ଘରେ କେତେ ପ୍ରକାରର ପିଠା ପଣା ଓ ରନ୍ଧାବଢା ଚାଲେ । ରଜରେ ଆମିଷ ଖାଇବା ଆମର ପ୍ରାୟ ଏକ ପରମ୍ପରା ।

ଶ୍ରାବଣ ମାସ (ଜୁଲାଇ- ଅଗଷ୍ଟ)

ଏ ସମୟରେ ବର୍ଷାର ଆରମ୍ଭ ସହ ଗାଁ ଗହଳିରେ ଛୋଟ ଛୋଟ ଉଇ ହୁଙ୍କାରେ ବାଲିଛତୁ ଫୁଟେ । ଛତୁ ପ୍ରାୟ ଦୁଇ ପ୍ରକାରର ମିଳେ, ଖୁବ୍ ଛୋଟ ବାଲିଛତୁ ଓ ଅନ୍ୟଟି ଭୂଇଁ ଛତୁ ଯାହା ମାଟି ଫଟାଇ ବାହାରିଥାଏ । ଭୂଇଁ ଛତୁକୁ କେହି କେହି ଶ୍ରାବଣୀ ଛତୁ ବି କହନ୍ତି । ଆମ୍ବୁଲ ପକା ଛତୁ ବେସରର ସ୍ୱାଦ ପିଲାଦିନର ସ୍ମୃତିର ଏକ ଅଭୁଲା ଅଂଶ । ଏବେ ଧିଙ୍ଗରି, ବଟନ୍ ଓ ପାଳଛତୁର ଚାଷ କରାଯାଇ ବର୍ଷ ସାରା ବଜାରରେ ମିଳୁଛି । ଶ୍ରାବଣ ପୂର୍ଣ୍ଣିମା ଏବେ ଭାରି ଆଡମ୍ବରରେ କେବଳ ରାକ୍ଷୀ ବନ୍ଧନର ପର୍ବ ଭାବେ ପାଳନ ହେଉଛି । ଆମ ଓଡ଼ିଆ ଘରେ ପୂର୍ବରୁ ଏହି ଦିନ ସକାଳେ ଗାଈଗୋରୁଙ୍କୁ ଗାଧେଇ ଦେଇ ତାଙ୍କ ବେକରେ ରାକ୍ଷୀ ପିନ୍ଧାଇ ଦିଆଯାଏ । ସେମାନଙ୍କ ପାଇଁ ସେଦିନ ପିଠା ପ୍ରସ୍ତୁତ କରାଯାଏ । ସେମାନଙ୍କୁ ପିଠା ଖୁଆଇବା ପରେ ସେଦିନ ହଳକୁ ନନେଇ ସେମାନଙ୍କୁ ବିଶ୍ରାମ ଦିଆଯାଏ ।

ଭାଦ୍ରବ ମାସ (ଅଗଷ୍ଟ- ସେପଟ୍ମେର)

ଏହି ମାସରେ ପଡେ ଚିତାଲାଗି ଅମାବାସ୍ୟା । ଓଡ଼ିଆର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଚିତାଲାଗି ହୁଏ ଓ ଓଡ଼ିଶାର ଘରେ ଘରେ ପ୍ରସ୍ତୁତ ହୁଏ ଚିତୋଉ ପିଠା । ଅରୁଆ ଚାଉଳ ଓ ନଡ଼ିଆକୁ ଅଳ୍ପ କ୍ଷୀର ମିଶାଇ ବଟାଯାଇଥାଏ । ଏହି ପିଠଉକୁ ଏକ ମାଟି ପାତ୍ରରେ ଚୁଲି ଉପରେ ବସାଯାଇଥାଏ ଓ ଆଉ ଏକ ମାଟି ଘୋଡଣି ଏହା ଉପରେ ଘୋଡାଇ ଦିଆଯାଏ । ଚାରିପଟେ ଗୁଡାଇ ଦିଆଯାଏ ଏକ ଓଦା କନା, ଯେମିତିକି ଭିତରେ ଥିବା ପିଠା ପାଇଁ ବାମ୍ଫ ଠିକ୍ ରହିବ । ଏହି ପିଠାକୁ ଚକୁଳିଆ ପିଠା ଭଳି ଲେଉଟା ଯାଏ ନାହିଁ । ଏହାକୁ ଗରମ କ୍ଷୀର ସହ ଖାଇବାକୁ ଖୁବ୍ ବଢ଼ିଆ । ଚିତୋଉ ପିଠାକୁ ଗଡ଼ିଆର ମାଛ ଓ କଇଁଚମାନଙ୍କୁ ଦେଇଥାନ୍ତି ।

ଆଶ୍ୱିନ ମାସ (ସେପ୍ଟେମ୍ବର- ଅକ୍ଟୋବର)

ଆଶ୍ୱିନ ମାସରେ ବର୍ଷା ଛାଡି ଯାଇଥାଏ ଓ ନଦୀନାଳରୁ ଧରାଯାଏ ଛୋଟ ଛୋଟ ମାଛ ଓ ଚିଙ୍ଗୁଡି । ବାଡିବଗିଚାର ପୋଇ ଶାଗ ବା କଖାରୁ ଡଙ୍କ ସହ ଅନାବନା ପରିବା ପଡି ରନ୍ଧାଯାଏ ସୁଆଦିଆ ଘାଣ୍ଟ ତରକାରି । ଜମି ଚାଷ ଆରମ୍ଭ ହୁଏ ଓ ଜମିରେ ଧରା ପଡନ୍ତି ବିଲି କଙ୍କଡା । ବିଲି କଙ୍କଡ଼ାକୁ କାଠଚୁଲୀରେ ପୋଡି କଞ୍ଚା ଲଙ୍କା, ରସୁଣ ଦିଆ ଚଟଣିର ସ୍ୱାଦ ପାଟିରୁ ଛାଡେନି । ଏବେ ଧାନ ଜମିରେ ଆଉ ବିଲିକଙ୍କଡା ଦେଖିବା ଦୁର୍ଲଭ । ଆଉରି ବି ନଦୀ ଓ ସମୁଦ୍ରର ମୁହାଣରେ ଧରା ପଡନ୍ତି ଇଲିସି ମାଛ । ତଟକା ଇଲିସି ତରକାରୀ କିଏ ବା ଭଲ ନପାଏ ? କେହି କେହି ଇଲିସି ମାଛ ବାମ୍ଫ ଦେଇ ବେସର କରନ୍ତି । ବଜାରରେ ଆଜିକାଲି ଇଲିସି ମାଛ ଭାରି ଦାମୀ ମାଛ ।

ଏ ମାସରେ ବି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆଗମନୀରେ ଓଡ଼ିଶାର ଘରେ ଘରେ ଦଶହରାର ଛୁଟି ମଉଜ ଲାଗେ । ମହାଷ୍ଟମୀ ଦିନ ଓଡିଆଘରର ମହିଳାମାନେ ଫଳାହାର କରି ପିଲାମାନଙ୍କର ଶୁଭକାମନା କରନ୍ତି । ମୁଗଡାଲି ଓ ଗୁଆଘିଅ ପଡି ଘରେ ଘରେ ଲାଗେ ଖେଚୁଡି ଭୋଗ । ସେ ଦେଶିଗାଈ କ୍ଷୀରରୁ ତିଆରି ଘରମରା ଘିଅ ଓ ଦେଶିମୁଗର ବାସ୍ନାରେ ମହମହ ବାସେ

ଗାଁ ଦାଣ୍ଡ । ଦଶହରାରପୁରଦିଆ ମଣ୍ଡା ଓ ବିଭିନ୍ନ ପିଠାପଣାରେ ବନ୍ଧୁବାନ୍ଧବଙ୍କୁ ସଙ୍ଖୁଳା ହୁଏ । କୁମାର ପୂର୍ଣ୍ଣମୀରେ ଆକାଶରେ ଜହ୍ନ ଦେଖାଦେବା ସମୟରେ କୁମାରୀ ଝିଅମାନେ ତୁଳସୀ ଚଉରା ମୂଳେ କଦଳୀପତ୍ରରେ ବାଢନ୍ତି ଛେନା, ନଡ଼ିଆ କୋରା ଓ ଘରଭଜା ଲିଆପକା ଚାନ୍ଦ । ଜହ୍ନ ପୂଜା ପରେ ଭାଇମାନଙ୍କୁ ଲୁଚାଇ କବାଟ କଣରେ ଭଉଣୀମାନେ ସେ ଚାନ୍ଦ ଭୋଗ ଖାଇ ଥାଆନ୍ତି ।

କାର୍ତ୍ତିକ ମାସ (ଅକ୍ଟୋବର- ନଭେମ୍ବର)

ଓଡ଼ିଶାରେ କାର୍ତ୍ତିକମାସ ଭାରି ପୁଣ୍ୟ ମାସ ଭାବେ ଗଣାଯାଇଥାଏ । ଅଧିକାଂଶ ଲୋକ ନିରାମିଷ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ଓ ମାସର ଶେଷ ପାଞ୍ଚଦିନ ପଞ୍ଚୁକ ଭାବେ ପାଳନ କରାଯାଏ । କେହି କେହି ଏକ ସ୍ୱତନ୍ତ୍ର ପ୍ରକାରର ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି । ଅରୁଆ ଭାତ ଓ ଏକ ପ୍ରକାରର ଡାଲମା ରନ୍ଧାଯାଏ, ଯେଉଁଥିରେ ଆଳୁ ବଦଳରେ ସାରୁ ଓ ଦେଶି ଆଳୁ ପଡେ ଓ ବିନା ହଳଦିରେ ଏହା ରନ୍ଧାଯାଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବଡ ଦେଉଳରେ ହେଉଥିବା ଡାଲମାର ସାମଗ୍ରୀ ସବୁ ପଡି ଏ ଡାଲମା ରନ୍ଧାଯାଏ । ଓଡିଶାର ଡାଲମା ଆଜି ଦେଶ ସାରା ଏକ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ଖାଦ୍ୟର ମାନ୍ୟତା ପାଇଛି ସତ, କିନ୍ତୁ ଆମ ଘରମାନଙ୍କରେ ପ୍ରାୟ ସେ ମୌଳିକ ଡାଲମା ରନ୍ଧା ହେବା କମିଗଲାଣି । ଏହି ସମୟରେ ଗୁଡ ପକା ଓଉ ଖଟା ଘରେ ଘରେ ଖାଇଥାନ୍ତି । ସେଥିପାଇଁ ସବୁ ଗାଁରେ ପ୍ରାୟ ଦୁଇ ତିନୋଟି ଓଉ ଗଛ ରହୁଥିଲା ।

କାର୍ତ୍ତିକ ପୂର୍ଣ୍ଣମୀର ପୂର୍ବରାତିରେ ବଡଓଷା ପାଇଁ ଘରେ ତିଆରି ହୁଏ ଗଜ, ମଣ୍ଡା ଓ ତରଣ । ସଦ୍ୟ ଢିଙ୍କିରେ କୁଟା ହେଇଥିବା ଚାଉଳ ଗୁଣ୍ଡରେ ଜନ୍ତଣି କରାଯାଏ । ଏହା ଭିତରେ ନଡିଆ, ସିଝାମୁଗ ଓ ବୁଟ ଡାଲି ପୁର ଦେଇ ଦେଉଳ ଆକାରରେ ଗଢାଯାଇଥାଏ । ଏହାକୁ ଗଜ କୁହାଯାଏ । ଗୋଟିଏ ମାଟି ହାଣ୍ଡିରେ ପାଣି ଭର୍ତ୍ତିହୋଇ ତା' ମୁହଁରେ ଏକ ଧଳା ସଫା କପଡା ବାନ୍ଧି ଦିଆଯାଏ । ଏହାକୁ ଅଥାର କୁହାଯାଏ । ଅଥାର ଉପରେ ଗଜ ସବୁକୁ ଖୁବ୍ ଯତ୍ନର ସହ ରଖାଯାଏ ଓ ତା ଉପରେ ଢାଙ୍କି ଦିଆଯାଏ ଏକ ମାଟି ପଲମ ।

ଏହାକୁ ଶ୍ରୀ ଧବଳେଶ୍ୱରଙ୍କ ପୂଜା ଭାବେ ଖୁବ୍ ନିଷ୍ଠାର ସହ ପାଳନ କରାଯାଏ । ଗଜ ସହିତ ଚାଉଳ ଚୂନା, ଗୁଡ, କ୍ଷୀର, ନଡ଼ିଆ ଖଣ୍ଡ ଦେଇ କ୍ଷୀରି ଭଳି ତିଆରି ହୁଏ ତରଣ ।

ମାର୍ଗଶିର ମାସ (ନଭେମ୍ବର- ଡିସେମ୍ବର)

ଏହି ସମୟରେ ପରିବାରରେ ପ୍ରଥମ ସନ୍ତାନର ଗୁରୁତ୍ୱ ପାଇଁ ପାଳନ ହୁଏ ପ୍ରଥମାଷ୍ଟମୀ । ପରିବାରର ବଡ ପିଲାଟି ପାଇଁ ମାମୁଁଘରୁ ଆସେ ନୂତନ ପୋଷାକ । ଏଇ ଦିନ ଏଣ୍ଡୁରି ପିଠା ତିଆରି ହୁଏ । ଏଇ ପିଠାର ବିଶେଷତ୍ୱ ହେଲା ପିଠଉକୁ ଏକ ଲମ୍ବା ହଳଦୀପତ୍ର ଭିତରେ ରଖି ବାମ୍ଫରେ ସିଝାହୁଏ । ପ୍ରଥମାଷ୍ଟମୀର ହଳଦୀପତ୍ରର ଏଣ୍ଡୁରି ପିଠାର ବାସ୍ନା ମହମହ ହେଇ ବାସେ । ଏବେ ମାଟିପାତ୍ରରେ ଆଉ ରନ୍ଧା ହେଉନି, ତେବେ ଆଲୁମିନିୟମ ପାତ୍ରରେ ହଳଦୀପତ୍ରର ଏଣ୍ଡୁରୀ ଓଡିଆ ଘରେ ଆଜି ବି ହେଉଛି । ହଳଦୀ ଓ ହଳଦୀପତ୍ରର ଔଷଧୀୟ ଗୁଣର ଏବେ ଖୁବ୍ ପ୍ରଚାର । ଏହି ସମୟରେ ହିଁ ହଳଦୀପତ୍ର ପାକଳ ହେଇ ସବୁଜ ରଂଗରୁ ଇଷତ୍ ହଳଦୀ ରଂଗରେ ପରିଣତ ହୁଏ । ହଳଦୀପତ୍ର ପାଚି ଶୁଖିଗଲେ ଗଛମୂଳରେ ହଳଦୀ ହେଇଗଲା ବୋଲି ଜଣାପଡେ । ଦେହ ପାଇଁ, ବିଶେଷ କରି କୃମିଜନିତ ରୋଗର ଉପଶମ ପାଇଁ ପିଲାମାନଙ୍କୁ ଏ ସମୟରେ କଞ୍ଚା ହଳଦୀ ଅନେକ ଖାଦ୍ୟରେ ମିଶାଇ ଖାଇବାକୁ ଦିଆଯାଏ ।

ପୌଷ ମାସ (ଡିସେମ୍ବର- ଜାନୁଆରୀ)

ଏହି ମାସରେ ଧନୁ ସଂକ୍ରାନ୍ତିର ଧନୁ ମୁଆଁ ପାଇଁ ଘରେ ଘରେ ଅପେକ୍ଷା ଥାଏ । ଧାନରୁ ଖଇ ପ୍ରସ୍ତୁତ କରାଯାଏ ଓ ତାପରେ ସେଥିରେ ଗୁଡ ବା ଚିନି ପାଗରେ ଉଖୁଡା କରାଯାଏ । ଉଖୁଡା ସହ ନଡିଆ ପାତି ଓ ଜୁଆଣି ଦେଇ ବିଭିନ୍ନ ପ୍ରକାରର ଓ ଆକୃତିର ମୁଆଁ ତିଆରି ହୁଏ । ଏଇ ମାସର ଶେଷ ଆଡକୁ ଆମ୍ବ ଗଛରେ ଖୁନ୍ଦି ହେଇ ଯାଏ ହଳଦିଆ ରଂଗର ବଉଳ । ବଉଳ ଅମାବାସ୍ୟାରେ ତିଆରି ହୁଏ ଚାଉଳ ଗଇଁଠା । ଏହା ଚାଉଳ ଗୁଣ୍ଡରେ ପ୍ରସ୍ତୁତ ହେଇ କ୍ଷୀର କଡେଇରେ ସିଝାହୁଏ । ଏହି ପିଠାକୁ ବଉଳ ଲଗା ଆମ୍ବ ଗଛ ମୂଳରେ ଭୋଗ ଲଗାଯାଏ ।

ସତରେ ଆମ ଓଡ଼ିଆଘରର ପରମ୍ପରା ଖୁବ୍ ଅନନ୍ୟ । ବର୍ଷସାରା ସବୁ ପୂଜା ପର୍ବ ସହ ଆମ ପାରମ୍ପରିକ ଖାଦ୍ୟ ଓ ପିଠାପଣାକୁ ବେଶ୍ ଉପଭୋଗ କରିଥାଉ । କିନ୍ତୁ ଆମ ଜୀବନ ଶୈଳୀର ପରିବର୍ତ୍ତନ ସହ ଆମେ କ୍ରମଶଃ ଏ ସବୁଠୁ ଦୂରେଇ ଯାଇଛୁ । ଅବଶ୍ୟ ଆଶ୍ୱାସନାର କଥା ଯେ ଏବେ ଓଡ଼ିଆ ଖାଦ୍ୟ ଅନେକ ଦେଶ ବିଦେଶରେ ଲୋକପ୍ରିୟତାର ଶୀର୍ଷରେ । ଓଡିଶାରେ ବି ଅନେକ ସ୍ଥାନରେ ଓଡ଼ିଆ ପିଠାପଣା ଓ ଓଡ଼ିଆ ରାନ୍ଧଣାସବୁର ଅଧିକ ପ୍ରଚାର ପ୍ରସାର ପାଇଁ ଏବେ କେତେପ୍ରକାର ଆୟୋଜନ ହେଉଛି । ବାହାର ସହର ବା ବାହାର ଦେଶରେ ପାଠ ପଢୁଥିବା ବା ଚାକିରି କରୁଥିବା ଆମ ପିଲାମାନେ ନିଜ ଘରକୁ ଫେରିଲେ ଖୋଜି ଖୋଜି ମୌଳିକ ଓଡ଼ିଆ ଖାଦ୍ୟର ହୋଟେଲରେ ଖାଉଛନ୍ତି । ତେବେ ଏସବୁ ଏବେ ଆମ ରୋଷେଇଘର ଓ ଜୀବନଧାରା ଭିତରକୁ ଫେରିଆସିବାର ଅପେକ୍ଷା ।

ମୋ- ୯୮୬୧୨୨୮୧୨୮
ଗତିକୃଷ୍ଣ ଗ୍ରୀନ୍, ରଙ୍ଗବଜାର, ଭୁବନେଶ୍ୱର

ମନକୁ ଆସିଲା ଯାହା ୨୯ ବହିର ବାସ୍ନାରେ ...ବିଭୋର

ସୌମ୍ୟଶ୍ରୀ ପାଣିଗ୍ରାହୀ

ମୁନ୍ନାର, ଛୋଟିଆ ସହରଟିଏ । ପାହାଡ ଦେହରେ ନେସି ହେଇରହିଲା ଭଳି କାନଭାସରେ ଅଙ୍କା ଛବିଟିଏ ସତେ । କେରଳର ଏହି ଛୋଟିଆ ସହରଟିରେ ସେଦିନ ସନ୍ଧ୍ୟାବେଳେ ବୁଲୁବୁଲୁ ନଜରକୁ ଅସିଥିଲା ଏକ ଅଜବ ଦୃଶ୍ୟ । ଏକ କାଠର ଜାଫ୍ରିଲଗା ଘରର ଗେଟ ପାଖରେ, ରାସ୍ତା ଧାରରେ ଛାତିଏ ଉଚ୍ଚର ପତଳା କଂକ୍ରିଟର କୋଠରୀଟିଏ । ଲାଗିଛି କାଚର କବାଟ, ଭିତରେ ଖୋଲାହୋଇ ଥୁଆହେଇଛି ବହିଟିଏ । ଯିଏ ପଢିବାକୁ ଚାହିଁବ, ବାହାରୁ ଥାଇ ମଧ ଭିତରର ସେହି ବାଇବେଲ ବହିଟିକୁ ସହଜରେ ପଢିପାରିବ । କହିବାବାହୁଲ୍ୟ, ଘରର ମାଲିକ ପ୍ରତିଦିନ ସକାଳେ ବହିଟିର ପୃଷ୍ଠା ଓଲଟାଉଥିବେ ନିଶ୍ଚୟ । ନହେଲେ ବହିଟି ଖୋଲାହୋଇ ଥୁଆହେଇଥାନ୍ତା କାହିଁକି ? ରାସ୍ତାରେ ଯାଉଥିବା ପଥଚାରୀମାନଙ୍କୁ ବି ପଠନମନସ୍କ କରେଇବାର, ଇୟେ ବି ଏକ ସହଜ ମାଧ୍ୟମ ନୁହେଁ କି ?

ଆଜି ଯେତେବେଳେ ଆମ ପିଢି ମୋବାଇଲ/କମ୍ପ୍ୟୁଟର ଆଦି ଧରି ଡିଜିଟାଲ ଯୁଗରେ ପାଦଥାପିସାରିଲାଣି, ଛାପା ଅକ୍ଷରର ବହି ଠାରୁ ଦୂରେଇ ଯିବାକୁ ଆଉ ବେଶୀ ଡେରି ନାହିଁ । ସେଇଠି କିଛି ଅଦ୍ଭୁତ 'ବହିବାୟା' ମାନଙ୍କର ନିଷ୍ଠାପର ଉଦ୍ୟମ ଯୋଗୁଁ ପୁଣିଥରେ ଆମ ପିଲାମାନେ ବହିର ଦୁନିଆକୁ ଚିହ୍ନି ଆପଣେଇବାର ଚେଷ୍ଟା କରୁଛନ୍ତି, ଠିକ ଯେମିତି ଭୁବନେଶ୍ୱରର କେଦାରଗୌରୀ ଆପାର୍ଟମେଣ୍ଟର ପଦ୍ମଜା ମିଶ୍ର । ସେ ପ୍ରତି ସପ୍ତାହରେ ନିଜ ଆଖପାଖର ପିଲାମାନଙ୍କୁ ନେଇ ଆୟୋଜନ କରୁଛନ୍ତି ବହିପଢିବାର ସ୍ୱତନ୍ତ୍ର ଅଧିବେଶନ । ପିଲାମାନେ ଆସୁଛନ୍ତି, ଏକାଠି ବସୁଛନ୍ତି, ବହି ପଢୁଛନ୍ତି ଏବଂ ପଢିଥିବା ବହି ଉପରେ ଆଲୋଚନା କରୁଛନ୍ତି । ଏହି ଅଭିଯାନର ନାମ ସେ ଦେଇଛନ୍ତି 'ବ୍ୟାକ ଟୁ ବୁକ୍ସ' ଅର୍ଥାତ ଚାଲ ପୁଣିଥରେ ବହିର ଦୁନିଆକୁ ଫେରିଯିବା । ପୁଣିଥରେ ବହିଙ୍କ ସହ, ବହି ବିଷୟରେ କଥା ହେବା, ବହିକୁ ନେଇ କିଛି ସମୟ ବିତେଇବା ।

ଏଇଠି କହିବାଉଚିତ ହେବ ସୁଜିତ ମହାପାତ୍ରଙ୍କ କଥା । ଭୁବନେଶ୍ୱରର ଛାତି ଉପରେ ଯଦି ବହିକୁ ନେଇ ଆପଣ ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳଟେ ଖୋଜୁଛନ୍ତି । ତେବେ ସତ୍ୟନଗରସ୍ଥିତ ବକୁଳ ଫାଉଣ୍ଡେସନ ଆଡୁ ଥରେ ବୁଲିଆସନ୍ତୁ । ଆପଣ ବହିର ମହମହ ବାସ୍ନାରେ କିଛିକ୍ଷଣ ମହକିବେ ନିଶ୍ଚୟ । ଅଳ୍ପଦିନ ତଳେ ଭୁବନେଶ୍ୱର ବିମାନବନ୍ଦରରେ ବୁଲୁବୁଲୁ ନଜରରେ ପଡିଥିଲା ଏକ ବହିଥାକ । କିଛି ପିଲାଙ୍କ କାର୍ଟୁନବହି, କିଛି ସାହିତ୍ୟକୃତି ଓ କିଛି ଅନ୍ୟରୁଚିର ପୁସ୍ତକକୁ ନେଇ ଏକ ସୁନ୍ଦର ଖୋଲା ମେଲା ପୁସ୍ତକାଗାର, ନାଁ 'ଫ୍ଲାଇବ୍ରେରୀ' । ଓ୍ୱାଃ... ଉଡିବା ସାଙ୍ଗକୁ ପଢିବାର ମଜା । ନା କିଛି ଜଗାରଖା ଖର୍ଚ୍ଚ, ନା କୌଣସି ଧରାବନ୍ଧା ନିୟମରେ ପାଠାଗାର ପରିଚାଳନାର ଜଞ୍ଜାଳ । ଉଡ଼ିବାକୁ ଯାଉଥିବା ପାଦଯୋଡିକ ଯଦି, ଦଣ୍ଡେ ଅଟକି ଗଲେ ଖଣ୍ଡେବହି ପାଖରେ, ତେବେ ସେଇତ' ଏ ପାଠାଗାରର ସଫଳତା ।

ପରେ ଜାଣିଲି ସେଇ ବକୁଳ ଫାଉଣ୍ଡେସନ ପକ୍ଷରୁ ଏମିତି ମୁକ୍ତାକାଶ ପାଠାଗାର ଭୁବନେଶ୍ୱରର ଅନ୍ୟକେତେ ଜାଗାରେ ବି କରାଯାଇଛି, ଯେମିତିକି ଫରେଷ୍ଟପାର୍କ । ଖୋଲା ପବନରେ ବୁଲାଚଲା ସାଙ୍ଗକୁ ବହିପଢା, ବାଃ ଚମତ୍କାର । ପୁଣି ପ୍ରାଚୀତାରାଙ୍କ ପରି କିଛି ସ୍ୱପ୍ନମନସ୍କ ବହିପ୍ରେମୀବି ଅଛନ୍ତି, ଯେଉଁମାନେ ଭାବନ୍ତି, ବହି ଖାଲି ପଢିବା ଜିନିଷ ନୁହେଁ । ବହିର ଆତ୍ମା ହେଉଛି ବୁଝିବାର ଜିନିଷ, ହୃଦୟକୁ ଛୁଇଁବାର ଜିନିଷ । ସେଇଥିପାଇଁତ ଗପ କହିବାର କଳାକୁ ଅଭିନୟ ମାଧ୍ୟମରେ ଫୁଟେଇ, ପୁଣିଥରେ ସମସ୍ତଙ୍କୁ ଗପମନସ୍କ କରିବାର ଚେଷ୍ଟାରେ ଲାଗିଛନ୍ତି ସେ । ଯେତେବେଳେ ଯୌଥପରିବାର ଭାଙ୍ଗି ଏକକ ପରିବାରର ଧାରା ଚାଲିଛି, ସେତେବେଳେ ଅଜାଆଇଙ୍କ ପାଖରୁ ନାତିନାତୁଣୀମାନେ ଗପ ଶୁଣିବାର କଳା ବି ହଜିହଜି ଯାଉଛି । ଆଉ ଏତିକିବେଳେ ପ୍ରାଚୀତାରାଙ୍କର ଏମିତି ଅଭିନବ ଉଦ୍ୟମ ନିଶ୍ଚିତ ରୁପେ ନିରାଶାର ଅନ୍ଧାର ଭିତରେ ଚିରୁଡାଏ ଆଲୋକର ଆଶା ଦେଖାଏ । ଆଗକୁ ବି ଏମିତି ଶହଶହ ବହିପାଗଳ ବାହାରିବେ ଯେଉଁମାନେ ଆମର ହଜିଯାଉଥିବା ଶୈଶବକୁ ପୁଣି ଠିକ ବାଟକୁ ଆଣିବା ପାଇଁ ନିଜନିଜ ସ୍ତରରେ ଉଦ୍ୟମ କରିଚାଲିଥିବେ । ସେମିତି ସମୟକୁ ଆମର ଅପେକ୍ଷା ।

ନୟାଗଡରେ ଜନ୍ମିତ, ଠେକା ଓ ଠେଙ୍ଗାର ମଣିଷ, ସେଇ ଦାସିଆ ଅଜା, ଯାହାଙ୍କୁ ଦୁନିଆ ଜାଣେ ଦଶ ପଇସାର ରଜା ଭାବେ, ଆରମ୍ଭ କରିଥିଲେ ପାଠାଗାର ଆନ୍ଦୋଳନ । ତାଙ୍କଦ୍ୱାରା ଅନୁପ୍ରାଣିତ ଭଦ୍ରକ ଜିଲ୍ଲାର ବାସୁଦେବପୁରର ବହିବନ୍ଧୁ ବିକାଶ ଶତପଥି । ନିଜସ୍ୱ ଉଦ୍ୟମରେ ଲୋକନାଥ ପାଠାଗାର ପ୍ରତିଷ୍ଠା କରି ସାଇତି ରଖିଛନ୍ତି ୩୦୦୦୦ ରୁ ଅଧିକ ବହି, ପିଲାଙ୍କ ପାଇଁ ଛାପୁଛନ୍ତି 'ବାଇଚଢେଇ' ପତ୍ରିକା । ଆପଣ କହିବେ ଯେ ପାଠାଗାର/ପତ୍ରିକା ଏସବୁ ତ ପୁରୁଣା ହେଲାଣି, ନୂଆ କଣ କରିଛନ୍ତି ? 'ମୋବାଇଲ ଛାଡ, ବହିଧର' ଅଭିଯାନ ମାଧ୍ୟମରେ ପ୍ରତିସପ୍ତାହରେ ସ୍କୁଲକୁ ଯାଇ ବହିବାଣ୍ଟିବା ସହ ପଠନ ଓ ଆଲୋଚନା ମଧ୍ୟ କରାଉଛନ୍ତି । ପିଲାଙ୍କୁ ବହିମନସ୍କ କରିବାର ଯେ ବି ଏକ ବାହାନା ନୁହେଁ କି ? ଏମିତି ନିଆରା ଉଦ୍ୟମ ହିଁ ତାଙ୍କୁ ବହିମଣିଷର ପରିଚୟ ଦେଇଛି ।

ଠିକ ସେମିତି ଢେଙ୍କାନାଳର ଭାରତୀୟ ଜନସଂଚାର ସଂସ୍ଥାନର ଅବସରପ୍ରାପ୍ତ ଅଧ୍ୟାପକ ମୃଣାଳ ଚାଟାର୍ଜୀ । ପାଣିଓରା ପାହାଡର ପଥରକୁ ସଜେଇ, ଖୋଲା ଆକାଶତଳେ ଜାମୁଗଛ ମୂଳରେ ଆରମ୍ଭ କରିଥିଲେ ପାଠାଗାର, ନାଁ ଦେଇଥିଲେ 'ଖୁସି' । ଯିଏ ଖୁସିରେ ଯାହା ଦେଲା, ତାକୁ ପଢି ଅନ୍ୟ କେହି ଖୁସିହେଲା । ଧୀରେଧୀରେ ସେଠି ବହିର ଆଲୋଚନା, ପଠନ ବି ଚାଲିଲା, ଏ ସବୁ ଦେଖି ବହିର ଆତ୍ମାକୁ ବି ଖୁସିଲାଗିଲା, ଏବେ ତାଙ୍କ ପୁଅ ଅମିତ ସମ୍ବଲପୁରରେ ଯେଉଁ ଆପାର୍ଟମେଣ୍ଟରେ ରହୁଛନ୍ତି, ତାର ବେସମେଣ୍ଟରେ ନିଜସ୍ୱ ଉଦ୍ୟମରେ ଆରମ୍ଭ କରିଛନ୍ତି ପାଠାଗାରଟିଏ । କେହିବି ବହି ନେଇପାରିବ, ପଢିସାରି ଫେରେଇ ପାରିବ । ମୁଁ ପଚାରିଲି, 'ବହି ଚୋରୀ ହେଉନି ?' ସେ ଖୁବ ସୁନ୍ଦର ଉତ୍ତରଟେ ଦେଲେ, 'ଚୋରମାନେ ବହି ପଢନ୍ତିନି ଓ ଯିଏ ପଢେ ସେ କେବେ ଚୋରୀ କରେନି । ଯଦି ଅତି ଭଲଲାଗେ, କେହି ବହିଟିକୁ ପାଖରେ ରଖିଦିଏ, ତା'ହେଲେତ ଆହୁରି ଭଲ ।'

ଏଇଠି ମନେପଡେ ଇରାକର ବହିବଜାର କଥା । ଯେଉଁଠି ବହିଗୁଡିକ ଖୋଲାରେ ପଡିଥାନ୍ତି, ଗଦା ହୋଇଥାଆନ୍ତି ରାସ୍ତା ଉପରେ । ପାଠକଟିଏ ମନଖୁସିରେ ଉଠେଇନିଏ । ମରକ୍କୋର ରାବେଟ ଅଞ୍ଚଳରେ ବହିଦୋକାନ କରିଥିବା ମହମ୍ମଦ ଅଜିଜ, ନିଜେ ପିଲାଦିନେ ପଇସା ଅଭାବରୁ ପାଠ ପଢିପାରି ନଥିଲେ । ଏବେ ତାଙ୍କ ପରିଣତ ବୟସ ବେଳକୁ ଦେଶର ସାକ୍ଷରତା ହାର ମାତ୍ର ୩୨% । ତେଣୁ ସେ ନିଜ ବହିଦୋକାନକୁ ଖୋଲା ଛାଡିଦେଇଛନ୍ତି । ଯେଉଁଠି ୧୦ ଜଣରୁ ମାତ୍ର ୩ ଜଣ ଅକ୍ଷର ଚିହ୍ନିପାରନ୍ତି, ସେଠି ସମସ୍ତେ ଆସନ୍ତୁ, ମାଗଣାରେ ବହି ପଢନ୍ତୁ, ଖୁସି ହୁଅନ୍ତୁ ଏବଂ ବହିର ବାସ୍ନାରେ ବିମୋହିତ ହୁଅନ୍ତୁ । ବହିଟିଏକୁ ଛୁଇଁ, ତା'ର ଆତ୍ମାକୁ ବୁଝିବା ଠାରୁ ଆଉ ଅଧିକ ସୁଖକର ଅନୁଭୁତି କିଛି ଅଛି କି ? ସତରେ ଯିଏ ଚୋରୀ କରିବ, ସେ କେବେ ଅକ୍ଷର ଚିହ୍ନି ନଥିବ ପୁଣି ଯିଏ ପାଠ ବହି ପଢିଥିବ କି ବହିକୁ ଭଲ ପାଉଥିବ, ସେ କେବେ ବି ବହି ଚୋରୀ କରିବନି । ସେ ଖାଲି ବହିର ବାସ୍ନାରେ ବିଭୋର ହେବ । ନାଁ କଣ କହୁଛନ୍ତି ?

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

ଘୁରିବାକୁ ଗଲେ ଏମିତି କରନ୍ତୁ ମେକ୍‌ଅପ୍

ଘରେ ବସି ବସି ବୋର୍ ଲାଗୁଛି । ବାହାରକୁ ହେଉ ଅବା ଦୂର ସ୍ଥାନକୁ ବୁଲିବାକୁ ଯାଉଛନ୍ତି । ଏ ସମୟରେ କିପରି ମେକ୍‌ଅପ୍ ନେବେ ସେ ସମ୍ପର୍କରେ ମନେ ରଖନ୍ତୁ କେତୋଟି ଟିପ୍‌ସ...

● ମେକ୍‌ଅପ୍ ସାମଗ୍ରୀଗୁଡ଼ିକୁ ଅଲଗା ରଖନ୍ତୁ । ଏଗୁଡ଼ିକ ଏକତ୍ର ଗୋଟିଏ ବ୍ୟାଗ୍‌ରେ ପ୍ୟାକ୍ କରନ୍ତୁ, ଯାହାଦ୍ୱାରା ଦରକାର ସମୟରେ ଅନ୍ୟତ୍ର ଖୋଜିବାକୁ ପଡ଼ିବ ନାହିଁ ।

● ଲିପ୍‌ଷ୍ଟିକ, ଆଇଶ୍ୟାଡ଼ୋ, ମସ୍କାରା, ପାଉଡ଼ର ଆଦି ସାମଗ୍ରୀ ମେକ୍‌ଅପ୍ କିଟ୍‌ରେ ଅଛି କି ନାହିଁ ଦେଖି ନିଅନ୍ତୁ ।

● ବାହାରକୁ ଯିବା ପୂର୍ବରୁ ଆବଶ୍ୟକ ମୁତାବକ ମେକ୍‌ଅପ୍ ନିଅନ୍ତୁ । ବାଟରେ କେବଳ ଟଚ୍ ଅପ୍ କଲେ ଆପଣଙ୍କ ତ୍ୱଚା ଆକର୍ଷଣୀୟ ଦେଖାଯିବ ।

ଧୂଳି ମଳିର ପ୍ରଭାବ କେଶ ଉପରେ ଯେପରି ନ ପଡ଼େ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ଗାଡ଼ି କିମ୍ବା ବାଇକ୍‌ରେ ଯିବା ସମୟରେ, ବୋଟିଂ କରିବା ସମୟରେ ମୁଣ୍ଡରେ ସ୍କାର୍ଫ ବାନ୍ଧିଲେ କିଛି କ୍ଷତି ନାହିଁ ।

● ଦୂର ସ୍ଥାନକୁ ବେଶି ଦିନ ପାଇଁ ଯାଉଥିଲେ ମେକ୍‌ଅପ୍ ସାମଗ୍ରୀ ସହ ମ୍ୟାଚ୍ କରିବା ଭଳି ଡ୍ରେସ୍ ମଧ୍ୟ ନିଅନ୍ତୁ ।

● ସାଥିରେ ପରଫ୍ୟୁମ ନେବାକୁ ଭୁଲନ୍ତୁ ନାହିଁ ।

● ବାହାରେ ବୁଲିବା ସମୟରେ ସନ ସ୍କ୍ରିନ୍ ଲୋଶନ ସବୁବେଳେ ପାଖରେ ରଖନ୍ତୁ ।

● ବାହାର ପରିବେଶ ଦ୍ୱାରା ତ୍ୱାଚା ବେଶି ପ୍ରଭାବିତ ହୋଇଥାଏ । ଏଥିପାଇଁ ମଶ୍ଚରାଇଜର, କ୍ଲିଜନିଙ୍ଗ, ଟୋନିଙ୍ଗ୍ ମଧ୍ୟ ନିଜ ପାଖରେ ରଖନ୍ତୁ ।

● ଆଖିର ମେକ୍‌ଅପ୍ ଏପରି କରନ୍ତୁ, ଯେପରି ତାହା ଦିନ ତମାମ ରହେ ।

ବାହାରେ ବୁଲିବା ସମୟରେ ଟିସୁ ପେପର ନିଜ ପାଖରେ ରଖନ୍ତୁ । ତ୍ୱଚାରେ ଧୂଳିମଳି ଲାଗିଲେ ପୋଛିବା ପାଇଁ ଏହି ପେପରକୁ ହିଁ ବ୍ୟବହାର କରନ୍ତୁ ।

କଥାରେ ଅଛି ଚେହେରା ସବୁକିଛି କହିଥାଏ । ବିଶେଷକରି ମହିଳାଙ୍କ କ୍ଷେତ୍ରରେ ଆଉ ବାହାରକୁ ଯାଉଛନ୍ତି ଅର୍ଥ ଅନେକଙ୍କ ଦୃଷ୍ଟିକୁ ତ ଆସିବେ ନିଶ୍ଚୟ ତେଣୁ ମେକଅପ କ୍ଷେତ୍ରରେ ନୋ କର୍ମୋମାଇଜ୍, ବଜାରରୁ ବା କାହାଙ୍କ ଠାରୁ କିଛି ଶୁଣି ଯେ କୌଣସି କମ୍ପାନୀର କ'ଣ ଗୋଟିଏ ମେକଅପ୍ ସାମଗ୍ରୀ ଆଦୌ କିଣନ୍ତୁ ନାହିଁ । ସୋସିଆଲ ସାଇଟରୁ ଭଲ ଭାବେ ବୁଝି ନିଅନ୍ତୁ । ଏହି କିଛି ଦିନ ତଳେ ନାମୀ ଦକ୍ଷିଣ ଅଭିନେତ୍ରୀ ସୁରଚିତାଙ୍କ ଏହି ମେକଅପ ସଂକ୍ରମଣ କାରଣରୁ ମୃତ୍ୟୁ ହୋଇଥିବାର ଖବର ନିଶ୍ଚୟ ଜାଣିଥିବେ । ସେହିପରି ମେକଅପର ପରିପାର୍ଶ୍ୱିକ ଅବସ୍ଥା ଦେଖିବା ସହ ଏହା ଯେପରି ଆପଣଙ୍କ ପାଇଁ ହାଲକା ହୁଏ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ । ଘରୋଇ ସାମଗ୍ରୀ ମେକଅପ୍ ତିଆରିରେ କେବଳ ସୁଲଭ ହୋଇନଥାଏ ବରଂ ଶରୀର ପାଇଁ ବାସ୍ତବ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ତେବେ ସବୁ ଆଡ଼କୁ ଦେଖି ନିଜକୁ ସୁସଜ୍ଜିତ କରନ୍ତୁ । ସୁନ୍ଦର ଦିଶିବେ ଆଉ ଆପଣଙ୍କ ସୌନ୍ଦର୍ଯ୍ୟ ଅନେକଙ୍କ ପାଇଁ କେବଳ ଦୃଷ୍ଟି ଆକର୍ଷଣକାରୀ ନୁହେଁ, ଶିକ୍ଷଣୀୟ ହୋଇପାରେ ଏବଂ କାହାଙ୍କ କାହାଣୀ ପାଇଁ କେହି କେହି ବି ମାନସୀ ନାୟିକା ହୋଇପାରନ୍ତି !

ଅପର୍ଣ୍ଣା ନାୟକ, ମେନ ସାଗର ପାନ ରୋଡ଼,
ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ,
ପିନ-୧୧୦୦୪୬

ରୋଷେଇ ଘରୁ

ବଟର ଗ୍ୟାଲିକ୍ ପ୍ରୋନ୍ସ

ଆବଶ୍ୟକ ସାମଗ୍ରୀ: ଚିଙ୍ଗୁଡ଼ି-୨୫୦ଗ୍ରାମ୍, ବଟର, କଟା ରସୁଣ-୨ଚାମଚ, ଚିଲ୍ଲିଫ୍ଲେକ୍ସ୍, ଗୋଲମରିଚ ପାଉଡ଼ର, ଲୁଣ, ହଳଦୀ ପାଉଡ଼ର, ଲେମ୍ବୁରସ-୨ଚାମଚ, କଟା

ପ୍ରଣାଳୀ: ପ୍ରଥମେ ଚିଙ୍ଗୁଡ଼ିର ମୁଣ୍ଡ, ଲାଞ୍ଜ ଏବଂ ଉପର ଖୋଳକୁ ଛଡ଼େଇ ନିଅନ୍ତୁ । ଏହାକୁ ଧୋଇ ଏଥିରେ ଲୁଣ, ହଳଦୀ ପାଉଡ଼ର, ଗୋଲମରିଚ ପାଉଡ଼ର ଦେଇ ମ୍ୟାରିନେଟ୍ କରି ୧୫ମିନିଟ୍ ପାଇଁ ରଖିନେବେ । ପ୍ୟାନ୍‌ରେ ବଟର ଦେଇ ମ୍ୟାରିନେଟ୍ କରି ରଖିଥିବା ଚିଙ୍ଗୁଡ଼ିକୁ ଭାଜନ୍ତୁ । ଚିଙ୍ଗୁଡ଼ିଟି ଭାଜି ହେବା ପରେ ଏଥିରେ କାଟି ରଖିଥିବା ରସୁଣ ଦେଇ ୨ମିନିଟ୍ ପାଇଁ ଭାଜିବେ । ସେହିପରି ଏଥିରେ ଚିଲ୍ଲିଫ୍ଲେକ୍ସ୍, ଲେମ୍ବୁରସ, ବଟର, କଟା ଧନିଆପତ୍ର ପକାଇ ଭଲ ଭାବେ ମିଶାଇ ନେବେ । ଶେଷରେ ଆଉ କିଛି ଧନିଆପତ୍ର ଦେଇ ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦେବେ । ଏହି ବଟର୍ ଗ୍ୟାଲିକ୍ ପ୍ରୋନ୍ସକୁ ଭାତ, ରୁଟି ସହିତ ଖାଇବାକୁ ଦିଅନ୍ତୁ ।

ସାପ୍ତାହିକ ରାଶିଫଳ

ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

ମେଷ - ସପ୍ତାହଟି ଅଶାନ୍ତି ବୃଦ୍ଧି । କର୍ମକ୍ଷେତ୍ରରେ ବିଳମ୍ବ । ଆଶା ଅସମ୍ପୂର୍ଣ୍ଣ । ପାରିବାରିକ ଜୀବନରେ କଳହ । ଚାକିରିରେ ମଧ୍ୟମ ଫଳ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭ ମିଳିବ । ପିଲାମାନଙ୍କର ପଢ଼ା ପଢ଼ିରେ ଅବହେଳା ଘଟିବ । ପ୍ରତିକାର - ପ୍ରତିଦିନ ଶିବ ଦର୍ଶନ କରଣୀୟ ।

ବୃଷ - ସପ୍ତାହଟି ବିଭିନ୍ନ କ୍ଷେତ୍ରରେ ଅର୍ଥକ୍ଷୟ । ନୈରାଶ୍ୟ । ଅର୍ଥହାନୀ । ଦ୍ରବ୍ୟ ଅପହୃତ । ରୋଗ ପୀଡ଼ା ବୃଦ୍ଧି ହେବ । ଚାକିରିରେ ଅସନ୍ତୋଷ । ବ୍ୟବସାୟରେ କ୍ଷତି ସହିବେ । ମହିଳାମାନେ ଦୁଃଖରେ ଦିନ କାଟିବେ । ପ୍ରତିକାର - ପ୍ରତିଦିନ ହନୁମାନ ଚାଲିଶା ପାଠ କରଣୀୟ ।

ମିଥୁନ - ସପ୍ତାହଟି ଫଳ ଉତ୍ତମ । ମଧ୍ୟମ ଆୟ ଅବ୍ୟାହତ ରହିବ । ଦ୍ରବ୍ୟ ଲାଭ ଯୋଗ । ପ୍ରିୟାପ୍ରୀତି ପୋଷଣ । ପାରିବାରିକ ସୁଖ ଓ ଚାକିରିରେ ପଦୋନ୍ନତି ଯୋଗ ରହିଛି । ବ୍ୟବସାୟରେ ଲାଭବାନ ହେବେ । ପ୍ରତିକାର - ସୋମବାର ଶିବଙ୍କ ମୁଣ୍ଡରେ ଜଳଲାଗି କରଣୀୟ ।

କର୍କଟ - ସପ୍ତାହଟି ନାନା କାରଣରୁ ଅସନ୍ତୋଷ ଦେଖା ଦେବ । ବନ୍ଧନ ଭୟର ଆଶଙ୍କା ରହିଛି । ଦ୍ରବ୍ୟନଷ୍ଟ । ପାରିବାରିକ ତିକ୍ତତା । ଚାକିରିରେ ଅସମ୍ମାନ । ଶିକ୍ଷାରେ ଅବହେଳା ଓ ବ୍ୟୟ ବହୁଳ ଯୋଗ ଦେଖାଯାଏ । ପ୍ରତିକାର - ମା'ଙ୍କ ମନ୍ଦିରରେ ପ୍ରତ୍ୟେକ ମଙ୍ଗଳବାର ଦିନ ପୂଜା କରଣୀୟ ।

ସିଂହ - ସପ୍ତାହଟି ଶରୀର ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସଫଳତା ସହ ଉଚ୍ଚ ସମ୍ମାନ ମିଳିବ । ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନ କରିବେ । ଅର୍ଥ ଏବଂ ଦ୍ରବ୍ୟଲାଭ । ଚାକିରିରେ ପଦମର୍ଯ୍ୟାଦା ଓ ବ୍ୟବସାୟରେ ଉନ୍ନତି । ପ୍ରତିକାର - ଅନାଥକୁ ସାହାଯ୍ୟ କରନ୍ତୁ ।

କନ୍ୟା - ସପ୍ତାହଟି ଶରୀର ସୁସ୍ଥ ରହିବ ମାତ୍ର ଅର୍ଥ ସଂକଟ ଦେଖାଦେବ । ଶିକ୍ଷାରେ ସୁଫଳ ମିଳିବ । ପରିବାରରେ ସୁଖ ତଥା ସନ୍ତାନ ଲାଭଯୋଗ ଅଛି । ଚାକିରିରେ ପ୍ରଶଂସିତ ହେବେ । ବ୍ୟବସାୟରେ ଶୁଭଫଳ ମିଳିବ । ପ୍ରତିକାର - ଗଣେଶ ଭଗବାନଙ୍କୁ ପୂଜା କରନ୍ତୁ ।

ତୁଳା - ସପ୍ତାହଟି କର୍ମକ୍ଷେତ୍ରରେ ଶତ୍ରୁହାନି ଓ ସଫଳତା ଯୋଗ କିନ୍ତୁ ଶିରରୋଗ ଦେଖାଦେବ । ପାରିବାରିକ ସ୍ୱଚ୍ଛଳତା ଓ ଚାକିରିରେ ପ୍ରାଧାନ୍ୟ ବୃଦ୍ଧି ପାଇବ । ବ୍ୟବସାୟରେ ଉତ୍ତମଫଳ ମିଳିବ । ମହିଳାମାନେ ଅନ୍ୟଦ୍ୱାରା ପ୍ରତାରିତ ହେବେ । ପ୍ରତିକାର - ଶନିବାର ଶିବ ଦର୍ଶନ କରଣୀୟ ।

ବିଛା - ସପ୍ତାହଟି ଚୋର ଭୟ ବା ପ୍ରତାରଣା ଯୋଗ ରହିଛି । କର୍ମକ୍ଷେତ୍ରରେ ବାଦବିବାଦ । ଆୟ ମଧ୍ୟମ ଓ ପାରିବାରିକ ପତ୍ନୀପୀଡ଼ା ଓ ଚାକିରିରେ ଅପଯଶ ହେବେ । ଶିକ୍ଷାରେ ମଧ୍ୟମ ଫଳ । ଖେଳରେ ପ୍ରଶଂସା ମିଳିବ । ପ୍ରତିକାର - ଛୋଟ ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ ।

ଧନୁ - ସପ୍ତାହଟି କର୍ତ୍ତବ୍ୟରେ ଅବହେଳିତ ହେବେ । ଆୟ ଭଲ ହେଲେ ମଧ୍ୟ ଅର୍ଥ ସଂକଟ ଲାଗି ରହିବ । ବନ୍ଧୁହାନି ଯୋଗ । ପାରିବାରିକ ଅସନ୍ତୋଷ । ଶିକ୍ଷାରେ ଉଚ୍ଚଫଳ ଲାଭ ଓ ବ୍ୟବସାୟର ପ୍ରସାର ଘଟିବ । ପ୍ରତିକାର - ଠାକୁରଙ୍କୁ ବସ୍ତ୍ରଦାନ କରଣୀୟ ।

ମକର - ସପ୍ତାହଟି କର୍ମକ୍ଷେତ୍ରରେ ପ୍ରଶଂସା । ଆୟ ସ୍ୱଚ୍ଛଳ । ସଞ୍ଚୟର ସୂଚନା । ବନ୍ଧୁମିଳିନ । ସୁଖ ସମ୍ପଦ ଲାଭ । ପାରିବାରିକ ଆନନ୍ଦ । ଚାକିରିରେ ଚିନ୍ତାଶୂନ୍ୟତା । ବ୍ୟବସାୟରୁ ଲାଭ ପାଇବେ ଓ ଶିକ୍ଷାରେ ଶ୍ରମର ଫଳ ମିଳିବ । ପ୍ରତିକାର - ଓଁ ଶନିସହସ୍ର ମନ୍ତ୍ର ପାଠ କରଣୀୟ ।

କୁମ୍ଭ - ସପ୍ତାହଟି ଅଶୁଭ ଫଳ ମଧ୍ୟରେ ବ୍ୟୟ ବୃଦ୍ଧି । ଶରୀର ଅସୁସ୍ଥ । କର୍ମକ୍ଷେତ୍ରରେ ବିଦ୍ରୋହ ବା ଅଶାନ୍ତି । ଶତ୍ରୁ ବୃଦ୍ଧି ଓ ବନ୍ଧନ ଭୟ ରହିଛି । ପରିବାରରେ କୁଟନୀତି ଦେଖାଦେବ । ଚାକିରିରେ ନିନ୍ଦା ଓ ବ୍ୟବସାୟରେ କ୍ଷତି ହେବ । ପ୍ରତିକାର - ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତୁ ।

ମୀନ - ସପ୍ତାହଟି ଫଳ ଆଦୌ ଶୁଭପ୍ରଦ ନୁହେଁ । କର୍ମକ୍ଷେତ୍ରରେ ନାନା ସମସ୍ୟା । କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରତାରିତ ହୋଇ ପାରନ୍ତି । ଆୟ ଉତ୍ତମ ରହିବ । ପାରିବାରିକ ସୁଖ ଅବ୍ୟାହତ ଓ ସମ୍ମାନ ରକ୍ଷା ହେବ । ପ୍ରତିକାର - ସବୁ ଦିନ କଳା କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ ।

ସଂସ୍କୃତି ଓ ପରମ୍ପରା

ଚିତାଲାଗି ଅମାବାସ୍ୟାର ମହତ୍ତ୍ୱ

ସୁଚରିତା ମହାନ୍ତି

ଓଡ଼ିଶାର ସଂସ୍କୃତି, ପରମ୍ପରା, ରୀତିନୀତି ସବୁ କିଛି କୋଟି ବିଶ୍ୱବ୍ରହ୍ମାଣ୍ଡର ଠାକୁର ତଥା ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ଜଡ଼ିତ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ତେଣୁ ଆମେ ବିଭିନ୍ନ ପ୍ରକାରର ପର୍ବପର୍ବାଣୀ କୃଷିଭିତ୍ତିକ ଗଣପର୍ବ ଭାବରେ ପାଳନ କରିଥାଉ। ପ୍ରତିଟି ପର୍ବପର୍ବାଣୀରେ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ମୁତାବକ ପାଳିତ ହୋଇଥାଏ। ସେମିତି ଏକ ପର୍ବ ହେଉଚି ଚିତାଲାଗି ଅମାବାସ୍ୟା। ଏହି ପର୍ବରେ ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କୁ ଚିତାଲାଗି କରାଯାଇଥାଏ। ଶ୍ରୀଜୀଉମାନଙ୍କର କପାଳରେ ହୀରା, ନୀଳା ଓ ମାଣିକ୍ୟରେ ଚିତା ଝଟକି ଉଠେ। ମହାପ୍ରଭୁ ଶ୍ରୀବଳଭଦ୍ରଙ୍କୁ ନୀଳା, ଜଗନ୍ନାଥଙ୍କୁ ହୀରା ଏବଂ ମା' ସୁଭଦ୍ରାଙ୍କୁ ମାଣିକ୍ୟ ଚିତା ପରିଧାନ କରାଯାଇଥାଏ। ଅମାବାସ୍ୟା ଦିନ ମା' ମହାଲକ୍ଷ୍ମୀଙ୍କର ଆବିର୍ଭାବ ହେଇଥିଲା।ଲକ୍ଷ୍ମୀଙ୍କୁ ବିବାହ ସମୟରେ ତାଙ୍କ ପିତା ଯୌତୁକ ସ୍ୱରୂପ ହୀରା ନୀଳା ମୋତି ମାଣିକ ଠାକୁରଙ୍କୁ ଦେଇଥିଲେ। ଶ୍ରୀଜୀଉମାନଙ୍କର ରତ୍ନାଳଙ୍କାର ଅତି ପ୍ରିୟ। ରତ୍ନ ସିଂହାସନ, ରତ୍ନ ପଲଙ୍କ, ରତ୍ନ ଗମ୍ଭୀରା। ସବୁବେଳେ ସେ ରତ୍ନ ଆଭୂଷଣ ଯୁକ୍ତ ହୋଇଥାନ୍ତି। ଏହି ଅମାବାସ୍ୟା ତିଥିରେ ମହାପ୍ରଭୁ ନାରାୟଣ ବେଶ ଧାରଣ କରିଥାନ୍ତି। ଦେବସ୍ନାନ ପୂର୍ଣ୍ଣିମା ପରେ ଯେତେବେଳେ ଅଣସର ଘରକୁ ବିଜେ କରିଥାନ୍ତି, ସେତେବେଳେ ଶ୍ରୀଜୀଉମାନଙ୍କର ଚିତା ଓ ଅନ୍ୟାନ୍ୟ ଅଳଙ୍କାର ଭଣ୍ଡାର ଘରେ ରହିଥାଏ। ଚିତାଲାଗି ଅମାବାସ୍ୟା ଦିନ ସକାଳ ଧୂପ ସରିବା ପରେ ରତ୍ନବେଦୀରୁ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଦକ୍ଷିଣୀ ଘରକୁ ବିଜେ କରନ୍ତି। ତା'ପରେ ମନ୍ଦିରର ବଣିଆ ସେବକମାନେ ମହାପ୍ରଭୁଙ୍କ ଅଳଙ୍କାରକୁ ରୋଷରୁ ଅଗ୍ନି ଆଣି ସୁନ୍ଦର ଭାବରେ ସଫା କରିଥାନ୍ତି। ଶ୍ରୀମୁଖ ଅବୋନଦନ ଦତ୍ତ ସେବକମାନେ ପ୍ରସ୍ତୁତ କରିଥାନ୍ତି। ସେହି ହୀରା,ନୀଳା ଓ ମାଣିକ୍ୟକୁ ପରୀକ୍ଷା କରିବା ପାଇଁ ବଡ଼ ଦେଉଳକୁ ଜହ୍ଲୁରୀମାନେ ଆସିଥାନ୍ତି। ଠାକୁରଙ୍କ ସେବାରେ ଦଇତାପତି, ପତିମହାପାତ୍ର ଓ ସୁବ୍ରସୁଆର ସେବାରେ ଲାଗିଥାନ୍ତି। ମହାପ୍ରଭୁଙ୍କ ଚିତାକୁ ନାୟକ ହୀରା ବା ବ୍ରହ୍ମଜ୍ୟୋତି ହୀରା ମଧ୍ୟ କୁହାଯାଏ। ବ୍ରହ୍ମପରି ତେଜ ପ୍ରକାଶିତ ହେଉଥିବାରୁ ତାକୁ ବ୍ରହ୍ମଜ୍ୟୋତି ହୀରା କୁହାଯାଏ। ପାନପତ୍ର ପରି ଦିଶୁଥିବା ଚିତା ବୃହସ୍ପତି ମହାଗ୍ରହଙ୍କର ପରିଚୟ। ପ୍ରଭୁଙ୍କ ଶରୀର ଓ ମୁଖମଣ୍ଡଳ ବୁଧ ମହାଗ୍ରହ ଅଟନ୍ତି ତେଣୁ ଚିତାଲାଗି ଅମାବାସ୍ୟାରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ନବଗ୍ରହ ଜନିତ ପୀଡ଼ାରୁ ମଣିଷ ନିସ୍ତାର ପାଇଥାଏ। ବଡ଼ ଭାଇଙ୍କ ଚିତାରେ ପାଞ୍ଚ ଘେରା ଏବଂ ମହାପ୍ରଭୁଙ୍କ ଚିତାରେ ସାତ ଘେରା

ଖୁବ୍ ଛୋଟ ଛୋଟ ମୋତି ମାଣିକ ଖଞ୍ଜା ଯାଇଥାଏ ମଝିରେ ବ୍ରହ୍ମଜ୍ୟୋତି ହୀରା ଏବଂ ନୀଳା ଖଞ୍ଜା ଯାଇଥାଏ। ଦଇତାପତିମାନେ ଶ୍ରୀଜୀଉଙ୍କୁ ଚିତା ପରିଧାନ କରେଇଥାନ୍ତି।

ଚିତାଲାଗି ହେବା ପୂର୍ବରୁ ପାଟରା ସେବାୟତମାନେ ବାସୁଙ୍ଗା ପାଟରେ ବଡ଼ଭାଇ ବଳଭଦ୍ରଙ୍କ ପାଇଁ ନୀଳ ରଙ୍ଗର ପାଟ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଇଁ ହଳଦିଆ ରଙ୍ଗର ପାଟ ଓ ଦେବୀ ସୁଭଦ୍ରାଙ୍କ ପାଇଁ ନାଲି ରଙ୍ଗର ଶ୍ରୀପଟ, ଶ୍ରୀପଟି ତିଆରି କରିଥାନ୍ତି। ଏହି ନୀତି ବା ଏହି ସେବା ଗୁପ୍ତ ଭାବେ କରାଯିବାର ବିଧି ରହିଛି। ଠାକୁରଙ୍କ ଚିତାରୁ ଚିତଉପିଠା ଆସିଚି। ଏହି ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କ ପାଖରେ ଚିତଉପିଠା ଭୋଗ ଲାଗିହୁଏ। ଏହାକୁ ଆଳତୀ ଭୋଗ କୁହାଯାଏ। ଚାଉଳରୁ ନିର୍ମିତ ଚୁନାକୁ ମାଟି ପଲମ ସାହାଯ୍ୟରେ ପିଠା ତିଆରି କରି ଭୋଗ ଲଗାଯିବା ପରେ ଘର ପାଖରେ ଥିବା ବିଭିନ୍ନ ଜଳାଶୟରେ ଚିତଉପିଠା ଦିଆଯାଏ। ଶ୍ରାବଣ ମାସରେ ଅଧିକ ବର୍ଷା ହେଉଥିବାରୁ କ୍ଷେତରେ ପାଣି ଜମି ରହେ। କାଦୁଅରେ ଘାଣ୍ଟି ହୋଇ ଚାଷୀମାନେ ଚାଷ କରିଥାନ୍ତି। କ୍ଷେତରେ ବିଭିନ୍ନ ପ୍ରକାରର ଜଳଚର ପ୍ରାଣୀ ଥାଆନ୍ତି। ଗେଣ୍ଡା, କୋଚିଲା, ସାପ ଇତ୍ୟାଦି କ୍ଷେତରେ କାମ କରୁଥିବାବେଳେ ଗେଣ୍ଡା ଗୋଡ଼ ହାତ କାଟି ଦିଅନ୍ତି। ଫସଲ ନଷ୍ଟ କରନ୍ତି ସେମାନଙ୍କଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଚିତଉ ପିଠା ଭୋଗ ଲଗା ସରିଲେ ସେମାନଙ୍କୁ ଦେଲେ ଆଉ କିଛି କ୍ଷତି ହୋଇନଥାଏ ବୋଲି ବିଶ୍ୱାସ ଅଛି। ସେମାନଙ୍କୁ ପିଠା ଦେବା ସମୟରେ ଝିଅମାନେ ଗାଇଥାନ୍ତି,

'ଗେଣ୍ଡେଇଶୁଣୀ ଲୋ ଗେଣ୍ଡେଇଶୁଣୀ ମୋ ଗୋଡ଼ କାଟିବୁ ନାହିଁ। ମୋ ବାପା ଗୋଡ଼ ମୋ ମା' ଗୋଡ଼ କାଟିବୁ ନାହିଁ,

ଗେଣ୍ଡେଇଶୁଣୀ ଲୋ ଗେଣ୍ଡେଇଶୁଣୀ ମୋ ଭାଇ ଗୋଡ଼ କାଟିବୁ ନାହିଁ।'

ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଚିତାଲାଗି ଅମାବାସ୍ୟା ପାଳନ କରାଯାଏ। ଲକ୍ଷ୍ମୀଙ୍କୁ ଆବାହନ କଲେ କୃଷି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଥାଏ ବୋଲି ମଧ୍ୟ ମତ ରହିଛି। ଶ୍ରାବଣର ଏଇ ଚିତାଲାଗି ଅମାବାସ୍ୟାରେ ଶ୍ରୀଜୀଉଙ୍କର ଚିତାଲାଗି ବେଶର ଦିବ୍ୟ ଦର୍ଶନ ସହିତ ପ୍ରତ୍ୟେକ ଓଡ଼ିଆ ଘରର ପରମ୍ପରା ଏକ ନିଆରା ଭାବ ସୃଷ୍ଟି କରେ।

> 'ଶ୍ରାବଣସ୍ୟ ଚ ଦର୍ଶେ ଅପିହ୍ୟରୁଣୋଦୟକାଳକେ।
> ନୈବେଦ୍ୟାମଧିକଂ ଦଦ୍ୟାତ୍ ପ୍ରାତଃ ପୂଜନକାଳକେ।
> ସୁବର୍ଣ୍ଣରଚିତଂ ଦିବ୍ୟଂ ନାନାରତ୍ନସମୁଜ୍ଜ୍ୱଳମ୍।
> ତିଳକଂ ତୁ କପାଳେଷୁ ଦେବାନାଂ ଭିଲ୍ଲଜାତୟଃ।

ବାରିପଦା, ମୟୂରଭଞ୍ଜ, ମୋ-୮୯୧୭୫୭୧୨୦୨



ମନୋରଞ୍ଜନ

ଫିଲ୍ମ 'ବିନ୍ଦୁସାଗର' ଜରିଆରେ ଡେବ୍ୟୁ କରିବେ ଶିଳାଦିତ୍ୟ

ଏକ ନୂତନ ଆରମ୍ଭ, ଏକ ସଫଳ କାହାଣୀର ପରିଦୃଶ୍ୟ ଓ ଏସବୁ କିଛିର କେନ୍ଦ୍ରରେ ରହିଛି ଏକ ନିର୍ଭୀକ ସ୍ୱର। ଚଳଚ୍ଚିତ୍ର 'ନ୍ୟୁଟନ' ଓ 'ପିକାଶୋ' ପାଇଁ ଖୁବ୍ ଲୋକପ୍ରିୟତା ହାସଲ କରିଥିଲେ ସୁପରିଚିତ ପ୍ରଯୋଜକ ଶିଳାଦିତ୍ୟ। ଭୋରା ଷ୍ଟୁଡିଓ ପ୍ଲାଟୁନ୍ ୱାନ୍ ଫିଲ୍ମସ୍ ଅନ୍ତର୍ଗତ ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଜରିଆରେ ଶିଳାଦିତ୍ୟ ଖୁବ୍ ଶୀଘ୍ର ଓଡ଼ିଆ ସିନେମା ଜଗତରେ ପ୍ରବେଶ କରିବାକୁ ଯାଉଛନ୍ତି। ନିଖିଳ ଚୌଧୁରୀ ଏମ୍‌ଡିସି ଫିଲ୍ମ ୱାର୍କର୍ସ ସହଭାଗିତାରେ ବିନୟ ରେଡ୍ଡି, ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି। ଏଥିରେ ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତ୍ରୀ ପ୍ରକୃତି ମିଶ୍ର ଓ ଦ୍ୱୀପନ୍ୱିତ ଦାସ ମହାପାତ୍ର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏମାନଙ୍କ ସହିତ ରବିନ୍ ଦାସ ଓ ସତ୍ୟରଞ୍ଜନଙ୍କ ପରି କଳାକାରମାନେ ମଧ୍ୟ ନଜର ଆସିବେ। ଓଡ଼ିଆ ସିନେ ଜଗତ ନିକଟ ଅତୀତରେ କିଛି ଚମତ୍କାର ବିଷୟବସ୍ତୁ ଉପସ୍ଥାପନା କରିଥିଲେ ମଧ୍ୟ ଏହା ବିଶ୍ୱବ୍ୟାପି ଦର୍ଶକଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବେ ଉନ୍ମୋଚିତ ହୋଇପାରି ନାହିଁ। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଖୁବ୍ ଶୀଘ୍ର ନୂଆ ଉଚ୍ଚତାରେ ପହଞ୍ଚିବାକୁ ଯାଉଛି ଓ ପ୍ରଥମ ପ୍ରବର୍ତ୍ତକଙ୍କ ମଧ୍ୟରୁ ମୁଁ ଜଣେ ହେବାକୁ ଚାହୁଁଛି ବୋଲି କହିଛନ୍ତି ଶିଳାଦିତ୍ୟ। ତେବେ ଓଡ଼ିଶା ଓ ଇଂଲଣ୍ଡରେ ସୁଟିଂ ହୋଇଥିବା ଏହି ଫାମିଲି ଡ୍ରାମାଟି ପ୍ରେମ ଓ ପରମ୍ପରାର ଏକ କାହାଣୀ ଉପରେ ପର୍ଯ୍ୟବସିତ। ଫିଲ୍ମଟି ସମାନୁରୂପେ ସାଧାରଣ ଦର୍ଶକ, ଯୁବବର୍ଗ, କର୍ମଜୀବୀ, ପ୍ରବାସୀ ଓଡ଼ିଆମାନଙ୍କୁ ବାନ୍ଧି ରଖିବାରେ ସଫଳ ହେବ।

ଓଟିଟିରେ ବହୁପ୍ରତୀକ୍ଷିତ ଫିଲ୍ମ 'ତୃଷ୍ଣା'

ଜଣେ ସାଧାରଣ ମଣିଷର ଆଶା, ସ୍ୱପ୍ନ ଏବଂ ଆକାଂକ୍ଷାର କାହାଣୀ ଭିତରେ, ବସ୍ତୁବାଦୀ ସମାଜରେ, ଯେଉଁଠି ଧନ ହିଁ ସମ୍ମାନର ମାପଦଣ୍ଡ, ସେଇଠି ଗୋଟିଏ କଳାକାର ତା'କଳା ପ୍ରତି ସମର୍ପିତ ହୋଇ ରହିପାରିବ ନା ସମାଜ ପାଇଁ ମନୋରଞ୍ଜନର ଏକ ବସ୍ତୁ ହୋଇଯିବ ତାହା ହିଁ 'ତୃଷ୍ଣା'ର କାହାଣୀକୁ ଗତିଶୀଳ କରିଛି। ବଡ଼ ପରଦାରେ ସଫଳତା ପାଇବା ପରେ ଏବେ ଓଟିଟି ପ୍ଲାଟ୍‌ଫର୍ମ 'ଆଓ ନେକ୍ସଟ୍'ରେ ରିଲିଜ ହୋଇସାରିଛି ଏହି ବହୁପ୍ରତୀକ୍ଷିତ ଫିଲ୍ମ 'ତୃଷ୍ଣା'। ଆମରା ଷ୍ଟୁଡିଓ ଅନ୍ତର୍ଗତ ନିର୍ମିତ ହୋଇଥିବା ଏହି ଫିଲ୍ମଟିର ପ୍ରଯୋଜନା, ନିର୍ଦ୍ଦେଶନା ଓ ଚିତ୍ରନାଟ୍ୟ ଦାୟିତ୍ୱରେ ଅଛନ୍ତି ସୁରେଶ ପଟ୍ଟନାୟକ। ଏହି କାହାଣୀର ମୁଖ୍ୟ ଚରିତ୍ର ଜୁଲି, ଅଙ୍କିତ, ଶିଖା, ଯତୀନ ଓ ଆନନ୍ଦ ନିଜ ନିଜର ସୃଜନଶୀଳ ଆକାଂକ୍ଷାର ସନ୍ଧାନରେ ନିଜ ଆକାଂକ୍ଷିତ ଇଚ୍ଛା ପାଇବାକୁ କିଭଳି ସଂଘର୍ଷ କରୁଛନ୍ତି ତାହା ଉପରେ କାହାଣୀଟି ପର୍ଯ୍ୟବସିତ। ଏହି ଚରିତ୍ରଗୁଡ଼ିକ ଯେଉଁଭଳି 'ଜୀବନର ଆଶା' ଆଧାରରେ ପରସ୍ପର ସହ ଯୋଡ଼ି ହେଇଛନ୍ତି ତାହା ହିଁ 'ତୃଷ୍ଣା'। ଫିଲ୍ମର କାହାଣୀ ଆରମ୍ଭ ହେଉଛି ପାଠପଢ଼ା ଚାପରେ ଆକ୍ରାନ୍ତ ହୋଇ ଜଣେ ଅନୁଜା ବାଳିକାର ଅପ୍ରତ୍ୟାଶିତ ଆତ୍ମହତ୍ୟାରୁ, କିନ୍ତୁ କାହାଣୀର ଶେଷକୁ ଅନେକ ଆଶା ଜୀବନ ସହ ଯୋଡି ହେଉଛି। ନୈରାଶ୍ୟରୁ ଆଶାବାଦୀ ହେବାର ଏହି ସକାରାତ୍ମକ ଯାତ୍ରାରେ ସାମିଲ୍ ହୋଇଛନ୍ତି ଅଭିଷେକ ଗିରି, ଶୈଳେନ୍ଦ୍ର, ବିଘ୍ନେଶ, ଜ୍ୟୋତି ପଣ୍ଡା, ସମରେଶ, ପ୍ରଦ୍ୟୁମ୍ନ ଲେଙ୍କା, ଲିପ୍ସା ମିଶ୍ର, ସୁରମୟୀଙ୍କ ପରି କଳାକାରମାନେ।



ରିଲିଜ ହେବ 'ଛି ରେ ନନୀ'

ଅଗଷ୍ଟ ୧ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଛି ରେ ନନୀ'। ଏହି ଚଳଚ୍ଚିତ୍ରର ପ୍ରମୁଖ ଚରିତ୍ରରେ ଶିବାନୀ, ଶୈଳେନ୍ଦ୍ର ଓ ଦ୍ୱୀପନ୍ୱିତ ଦାସ ମହାପାତ୍ରଙ୍କୁ ଦର୍ଶକମାନେ ଦେଖିବାକୁ ପାଇବେ। ଏକ ତାଜା ଓ ଗଭୀର ଭାବନାତ୍ମକ ପ୍ରେମ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ମାଣ କରିଛନ୍ତି ସାମ୍ପ୍ରତିକ ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଧିକ ସଫଳ ପ୍ରଯୋଜକ ସୀତାରାମ ଅଗ୍ରୱାଲ୍। ସୀତାରାମ ଅଗ୍ରୱାଲ ଓ ସାର୍ଥକ ମ୍ୟୁଜିକ ନିବେଦିତ ତଥା ସିଦ୍ଧାର୍ଥ ମୁଭିଜ ପ୍ରଯୋଜିତ ଏହା ଏକ ସଙ୍ଗୀତଭିତ୍ତିକ ପ୍ରେମ କାହାଣୀ। ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟବିଦାରକ ନାଟକୀୟତାକୁ ଏକତ୍ର କରି ରଖିଛି ଏହାର କାହାଣୀ ଯାହାର ନିର୍ଦ୍ଦେଶନା ଦେଇଛନ୍ତି ସୁଶାନ୍ତ ମଣି। କାର୍ଯ୍ୟନିର୍ବାହୀ ପ୍ରଯୋଜକର ଗୁରୁ ଦାୟିତ୍ୱ ତୁଲାଇଛନ୍ତି ଯୁବ ନିର୍ମାତା ଓ ନିର୍ମାତ୍ରୀ ଯୋଡି ସିଦ୍ଧାର୍ଥ-ତମନ୍ନା ଅଗ୍ରୱାଲ୍। ସଂଳାପ ରଚନା କରିଛନ୍ତି ସୁଶାନ୍ତ ମଣି ଓ ହିରେନ୍ କୁମାର। ଡିଓପିରେ କୁହୁ ମଲ୍ଲ ଥିବାବେଳେ ଫିଲ୍ମରେ କୋରିଓଗ୍ରାଫି କରିଛନ୍ତି ସୁମନ୍ତ ମଣି। 'ଛି ରେ ନନୀ ଛି..' ଗୀତଟି ଯେଭଳି ସାରା ବିଶ୍ୱର ଲୋକଙ୍କ ଦ୍ୱାରା ଆଦୃତ ହୋଇଥିଲା ସିନେମାଟି ମଧ୍ୟ ସେଭଳି ଆଦୃତି ଲାଭ କରିବ ବୋଲି ଆଶା କରାଯାଉଛି।

ଚର୍ଚ୍ଚାରେ ରହିଛି ଚଳଚ୍ଚିତ୍ର 'ଚାରିକାନ୍ଧ'

ନିର୍ମାତା ବିଶ୍ୱନାଥ ରଥଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରଯୋଜକ ଆତିଶ କୁମାର ରାଉତଙ୍କ ଦ୍ୱାରା ନିର୍ମିତ ହୋଇଥିଲା କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଚାରିକାନ୍ଧ'। ଏକାଧିକ ପୁରସ୍କାର ପାଇବା ସହିତ ଫିଲ୍ମଟି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସିତ ଓ ପୁରସ୍କୃତ ହୋଇସାରିଲାଣି। ନିକଟରେ କୋଲ୍‌କାତାର ଦୁର୍ଗାପୁର ଠାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ, ବିଶ୍ୱସ୍ତରରେ ବେଲ୍‌ଜିୟମ ଠାରେ ପ୍ରଦର୍ଶିତ ହୋଇ ଫିଲ୍ମଟି ତା'ର କାହାଣୀ ଓ ସାଂସ୍କୃତିକ ପ୍ରତିଫଳନ ଜରିଆରେ ପ୍ରଶଂସିତ ହେବା ସହିତ ସମାଲୋଚକଙ୍କୁ ଆକର୍ଷିତ କରିଥିଲା। ଜାତୀୟ ସ୍ତରରେ ମଧ୍ୟ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭାବରେ ପରସ୍କୃତ ହୋଇଛି ଫିଲ୍ମ 'ଚାରିକାନ୍ଧ'। ବେଙ୍ଗଲ୍ ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଦଶମ ବଙ୍ଗଳା ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଓ ଔରଙ୍ଗାବାଦର ଆଇଡିଆଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ, ରାଞ୍ଚିର ଗସନର କଲେଜ ତରଫରୁ ଆୟୋଜିତ ଗସନ୍ ସିନେ ଫେଷ୍ଟରେ ଚଳଚ୍ଚିତ୍ରଟି ପୁରସ୍କୃତ ହୋଇସାରିଛି। ଋତୁପ୍ରିୟା ପ୍ରଡକ୍ସନ୍ ବ୍ୟାନର୍ ଅନ୍ତର୍ଗତ ନିର୍ମିତ ହୋଇଥିବା ଏହି କ୍ଷୁଦ୍ର ଚଳଚ୍ଚିତ୍ରଟିର ପ୍ରଯୋଜନା ଦାୟିତ୍ୱରେ ଥିଲେ ସୁପ୍ରିୟା ରାଉତ ଓ ଏହାର ସହ-ପ୍ରଯୋଜକ ଅଖିଲ୍ ରାଜକୁମାର। ୩୭ ମିନିଟ୍‌ର ଏହି ଫିଲ୍ମରେ ଶକ୍ତି ବରାଳ, ସୁଶୀଲ୍ ମିଶ୍ର, ଶତାବ୍ଦୀ ସୂର୍ଯ୍ୟସ୍ନାତା, ଗୌରବ ମହାନ୍ତି, ଶିବାନୀ ଖରା ଓ ପ୍ରଭଞ୍ଜନ ମିଶ୍ରଙ୍କ ପରି ଜଣାଶୁଣା କଳାକାରମାନଙ୍କୁ ଦେଖିବାକୁ ମିଳିଥିଲା। ଫିଲ୍ମର ସଙ୍ଗୀତ ରଚନା ପରାଗ କୁମାର ବେହେରା କରିଥିବା ବେଳେ ଏଥିରେ ସଙ୍ଗୀତ ଦେଇଛନ୍ତି ଅମିତ୍ ଯୁବରାଜ। ଏହି ବର୍ଷ ଜାନୁଆରୀରେ ସମ୍ପୂର୍ଣ୍ଣ ହୋଇଥିବା ଏହି ଚଳଚ୍ଚିତ୍ରଟି ବର୍ତ୍ତମାନ ବିଭିନ୍ନ ମହୋତ୍ସବଗୁଡ଼ିକର ଅଂଶବିଶେଷ ହେଉଥିବାର ଦେଖିବାକୁ ମିଳୁଛି।

ମୋ ବ୍ୟାନରରେ ଗୁଣାତ୍ମକ ଓ ଭଲ ବିଷୟବସ୍ତୁ ଥିବା ସିନେମା ତିଆରି ହେବା ଚାହିଁବି: ଶୁଭଶ୍ରୀ ମଙ୍ଗରାଜ

ମଣିଷର ଇଚ୍ଛାଶକ୍ତି ଯଦି ଦୃଢ଼ ଥାଏ, କୌଣସି ବାଧାବନ୍ଧନ ତାକୁ ଅଟକେଇ ପାରେନାହିଁ। ଅନେକ କ୍ଷେତ୍ରରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ମଧ୍ୟ ନିଜର ଦୃଢ଼ମନା ପାଇଁ ସଫଳତାର ଶୀର୍ଷରେ ପହଞ୍ଚିବା ସମ୍ଭବ ହୋଇଥାଏ। ନିଜର ସ୍ୱପ୍ନ ପୂରଣ କରିବା ଓ ସମାଜରେ ଉଦାହରଣ ସୃଷ୍ଟି କରିବା ଭଳି ଅନେକ ଓଡ଼ିଆ ମହିଳା ରହିଛନ୍ତି, ଯେଉଁମାନେ ଅନ୍ୟମାନଙ୍କ ପାଇଁ ଆଇକନ୍ ହୋଇ ଛିଡ଼ା ହୋଇଥାନ୍ତି। ସେହିଭଳି ଜଣେ ଉଦ୍ୟମୀ ଉଚ୍ଚଶିକ୍ଷିତା ମହିଳା ହେଲେ ଶୁଭଶ୍ରୀ ମଙ୍ଗରାଜ। ସେ ଇଞ୍ଜିନିୟରିଂରେ ସ୍ନାତକଡିଗ୍ରୀ। ନିଜର ପ୍ୟାସନ ପାଇଁ ଫିଲ୍ମ ଦିନିଆରେ ପ୍ରଯୋଜକ ଭାବରେ ସାମିଲ ହୋଇଛନ୍ତି। ନିକଟରେ ରିଲିଜ୍ ହେବାକୁ ଥିବା ଫିଲ୍ମ ଜୟହିନ୍ଦ୍ ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିବା ସହ ଆକାଶଦାସ ନାୟକଙ୍କୁ ନାୟକ ଭାବରେ ନେଇ ନିଜ ମନ ଭିତରେ ଥିବା କାହାଣୀକୁ ରୂପ ଦେଇପାରିଛନ୍ତି ବୋଲି କୁହନ୍ତି। ତାଙ୍କ ଫିଲ୍ମରେ ମୁଖ୍ୟ ଚରିତ୍ର ନିଭାଇଥିବା ଆକାଶଦାସ ନାୟକ ହିଁ ଏସିପି ଜୟ ଭୂମିକା ଦର୍ଶକଙ୍କ ପ୍ରଥମ ପସନ୍ଦ ରହିବ ବୋଲି କହିଛନ୍ତି। ଦର୍ଶକଙ୍କ ହୃଦୟକୁ ଜୟ କଲା ଭଳି ନିର୍ମାଣ କରି ବେଶ ଖୁସି ଥିବା କଥା ବ୍ୟକ୍ତ କରିଛନ୍ତି।

● ଆପଣ ଫିଲ୍ମ ପ୍ରଯୋଜନା ପାଇଁ କାହିଁକି ମନ ବଳାଇଲେ ?

-ମୋର ଇଚ୍ଛା ଥିଲା ଓଡ଼ିଆରେ ଭଲ ସିନେମାଟିଏ ତିଆରି କରିବି, ଯାହା ମୋର ପ୍ୟାସନ୍ ହେବ। କହିଦେଲେ ତ ହେବନାହିଁ, ଯାହାପାଇଁ ଗୋଟିଏ ଭଲ ଚେଷ୍ଟା ଆବଶ୍ୟକ। ମୁଁ ସେଥିପାଇଁ ନିଜ ଦୃଢ ଇଚ୍ଛାଶକ୍ତି ସହ ଏହି ଅଭିଯାନ ଆରମ୍ଭ କଲି।

● ଆଗାମୀ ଫିଲ୍ମକୁ ନେଇ କେତେ ଖୁସି ଅଛନ୍ତି ?

-ଅତ୍ୟନ୍ତ ଖୁସି ଅଛି। ଏହା ଗୋଟିଏ ପ୍ରୋଜେକ୍ଟ ନୁହେଁ, ଏହା ମୋର ସ୍ୱପ୍ନ ଓ ଅନୁଭୂତିର ପରିଚୟ।

● ଜଣେ ମହିଳାଙ୍କ ପାଇଁ ପ୍ରଯୋଜନା କେତେ ଚ୍ୟାଲେଞ୍ଜ ?

-ଚ୍ୟାଲେଞ୍ଜ ଅଛି, କିନ୍ତୁ ଆଜିର ଯୁଗ ମହିଳାଙ୍କ ପାଇଁ ବଢ଼ିଆ ସୁଯୋଗ ନେଇଆସିଛି। ଯଦି ଦୃଢ ମନୋବଳ ଓ ସ୍ୱଷ୍ଟ ଭିଜନ ଥାଏ, ତେବେ କିଛି ଅସମ୍ଭବ ନୁହେଁ।

● ଓଡ଼ିଆ ଫିଲ୍ମର ଗୋଟେ ଭଲ ସମୟ ଆସିଛି, ଏହି ଫିଲ୍ମ ଜରିଆରେ ଆପଣଙ୍କ ଭାଗୀଦାରୀ କେତେ ରହିବ ?

-ମୁଁ ଚେଷ୍ଟା କରିଛି ଯେ ଏହି ଫିଲ୍ମ ଦ୍ୱାରା ଏକ ନୂଆ ମାନକ ସ୍ଥାପିତ କରିପାରିବି। ଭାଗୀଦାରୀ କେବଳ ଧନରେ ନୁହେଁ, ଭାବନାରେ ଓ ଦୃଷ୍ଟିକୋଣରେ ମଧ୍ୟ ଅଛି।

● ଆପଣଙ୍କର ଯାତ୍ରା ପଛରେ ବଡ଼ ସହଯୋଗୀ କିଏ ?

-ମହାକାଳୀଙ୍କର ଆଶୀର୍ବାଦ ସହିତ ମୋ ବାବା, ମୋ ପରିବାର, ମୋ ବଡ଼ ଭାଇ ଆକାଶଦାସ ନାୟକଙ୍କ ଶୁଭେଚ୍ଛା ରହିଛି। ବିଶ୍ୱାସଟିଏ ରଖୁଥିବା ଦର୍ଶକମାନେ, ସେମାନେ ମୋର ପଛରେ ଅଦୃଶ୍ୟ ଶକ୍ତି।

● ଭବିଷ୍ୟତରେ ନିଜ ପ୍ରଡ଼କ୍ସନକୁ ବ୍ୟାନର କରିବାକୁ ଅଧିକ ଫିଲ୍ମ କରିବାକୁ ଯୋଜନା ରଖିଛନ୍ତି କି ?

-ହଁ, ନିଶ୍ଚିତ ଭାବରେ ରଖିଛି। ମୁଁ ଚାହେଁ ଯେ ମୋ ବ୍ୟାନରରେ ଗୁଣାତ୍ମକ ଓ ଭଲ ବିଷୟବସ୍ତୁ ଥିବା ସିନେମା ତିଆରି ହେଉ।

● ଏହି ଫିଲ୍ମଟି ବକ୍ସ ଅଫିସରେ ହିଟ୍ ହେବା କେତେ ଆଶାବାଦୀ ?

-ମୁଁ ଏକଦମ ଆଶାବାଦୀ। ଯେତେବେଳେ ହୃଦୟରୁ କିଛି କରାଯାଏ, ତାହାର ପ୍ରଭାବ ଦର୍ଶକମାନେ ଅନୁଭବ କରନ୍ତି।

● ନିଜେ ମନ ବଳାଇଲେ ନା ଆଉ କିଏ ଆପଣଙ୍କୁ ପ୍ରଯୋଜନା ପାଇଁ ପ୍ରସ୍ତାବ ଦେଲେ ?

-ଏହି ଯାତ୍ରା ମୋର ବାବାଙ୍କର ବଡ଼ ସହଯୋଗ ଆଉ ଅନ୍ତଃପ୍ରେରଣାରୁ ଆରମ୍ଭ ହୋଇଛି। ତା'ପରେ ମୋର ଇଚ୍ଛା ଥିଲା ଓ ଓଡ଼ିଆ ଫିଲ୍ମ ପ୍ରତି ଭଲ ପାଇବା ଥିଲା ବୋଲି ଭାବିଲି ଏଇ ଲାଇନ୍‌କୁ ଆସି ମୋର ସ୍ୱପ୍ନକୁ ପୂରଣ କରିବି, ନିଜର ପ୍ୟାସନକୁ ସ୍କ୍ରିନ୍ ଉପରେ ଦେଖିବି।

● ଓଡ଼ିଆ ଫିଲ୍ମର ବ୍ୟବସାୟିକ ସଫଳତା ପାଇଁ କଣସବୁ କରାଯିବା ଦରକାର ?

-ଗୁଣାତ୍ମକମାନର କାହାଣୀ, ନିପୁଣ ନିର୍ଦ୍ଦେଶନା, ଟିକନିକ୍ ପର୍ଯ୍ୟବେକ୍ଷଣ, ଠିକ୍ ମାର୍କେଟିଂ ଏହାର ମୁଖ୍ୟ ଅଂଶ। ସେଥିପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସ ଦରକାର।

● ଦର୍ଶକମାନଙ୍କୁ କଣ କହିବେ ?

ଆପଣମାନେ ଥିଲେ ଏହି ଯାତ୍ରା ସଫଳ। ଓଡ଼ିଆ ସିନେମାକୁ ଆଗକୁ ନେବା ପାଇଁ ଆପଣଙ୍କ ସମର୍ଥନ ଅତ୍ୟନ୍ତ ଦରକାର। ଦୟାକରି ଦେଖନ୍ତୁ, ସେୟାର କରନ୍ତୁ ଓ ଗର୍ବ ଅନୁଭବ କରନ୍ତୁ।

ଲାଳନ ପାଳନ

ଅନ୍ଲାଇନ୍ ଗେମ ଖେଳିବାକୁ ବାରଣ କରନ୍ତୁ

ଅନ୍ଲାଇନ୍ରେ ପାଠପଢ଼ା ଯାହା ହେଉ ନ ହେଉ, ପିଲାଏ କିନ୍ତୁ ପାଠପଢ଼ିବା ନାଁରେ ସ୍ମାର୍ଟଫୋନ୍, ଲ୍ୟାପ୍ଟପ୍, ଡେସ୍କଟପ୍ ଦ୍ୱାରା ଇଣ୍ଟରନେଟ୍ରେ ଥ୍ରୀଲର୍ ଅନ୍ଲାଇନ୍ ଗେମ୍ ଖେଳିବାରେ ଅଭ୍ୟସ୍ତ ହୋଇପଡ଼ିଲେଣି। ଲ୍ୟାପ୍ଟପ୍ ଓ ସ୍ମାର୍ଟଫୋନ୍ ଉପରେ ସେମାନଙ୍କ ନିର୍ଭରଶୀଳତା ବଢ଼ିବାରେ ଲାଗିଛି। ଧୀରେଧୀରେ ଏହା ଅବସାଦରେ ପରିଣତ ହେଉଛି। ପିଲାଙ୍କ ବ୍ୟବହାରରେ ଅଚାନକ ପରିବର୍ତ୍ତନ ଦେଖାଯାଉଛି। କଥା କଥାରେ ସେମାନେ ରାଗୁଛନ୍ତି, ଚିଡ଼ଚିଡ଼ ହେଉଛନ୍ତି ଓ ଭୋକ ହେଉନାହିଁ ବୋଲି ଅଭିଯୋଗ କରୁଛନ୍ତି। ଆପଣଙ୍କ ପିଲାମାନେ ବି ଯଦି ଏଭଳି ଆଚରଣ କରୁଛନ୍ତି, ତା'ହେଲେ ସତର୍କ ହୋଇଯାଆନ୍ତୁ। କାରଣ ଅନ୍ଲାଇନ୍ ଗେମ୍ ପିଲାଙ୍କ ପାଇଁ ଖୁବ୍ କ୍ଷତିକାରକ। ଏକ ସର୍ଭେରୁ ଜଣାପଡ଼ିଛି, ଗେମ୍ ଖେଳିବା ନିଶାର ସବୁଠୁ ଅଧିକ ଶିକାର ହେଉଛନ୍ତି ୧୦ରୁ ୧୫ ବର୍ଷ ବୟସର ପିଲା। ମନସ୍ତତ୍ତ୍ୱବିତ୍ଙ୍କ କହିବାନୁସାରେ, କେବଳ ବଡ଼ପିଲା ନୁହନ୍ତି, ଛୋଟ ପିଲାଏ ମଧ୍ୟ ମୋବାଇଲ୍ ଓ



ଅନ୍ୟ ଡିଜିଟାଲ୍ ଗେଜେଟ୍ ବ୍ୟବହାର ନିଶାରେ ପଡୁଛନ୍ତି। ଅଭିଭାବକମାନେ ଏ ଦିଗରେ ସଚେତନ ହେଲେଣି। ତେଣୁ ଅଧିକରୁ ଅଧିକ ସଂଖ୍ୟାରେ ଅଭିଭାବକ ସେମାନଙ୍କ ପିଲାଙ୍କୁ କାଉନ୍ସେଲିଂ ପାଇଁ ଆଣୁଛନ୍ତି। ଗତ ବର୍ଷେ ହେଲା ଏଭଳି ମାନସିକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ବେଟଲଗ୍ରାଉଣ୍ଡ ଗେମ୍ ଖେଳିବା କାରଣରୁ ଆକ୍ରାମକ ହେଉଛନ୍ତି। ସାଧାରଣ ଇଣ୍ଟେଲେକ୍ଚୁଆଲ୍ ଏବିଲିଟି ଥିବା ପିଲାଙ୍କ ନିକଟରେ ଏଡିଏଚ୍ଡି (ଆଟେନ୍ସନ୍ ଡେଫିସିଟ୍ ହାଇପର୍ଏକ୍ଟିଭିଟି ଡିଜ୍ଅର୍ଡର) ଅଧିକ ଦେଖିବାକୁ ମିଳୁଛି। ଏହା ପଛର କାରଣ ମଧ୍ୟ ଅନ୍ଲାଇନ୍ ଗେମ୍ ବୋଲି କହିଛନ୍ତି ସାଇକୋଲୋଜିଷ୍ଟ।

ଶିଶୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଆହୁରି କହିଛନ୍ତି, ଜଣେ ଅନ୍ୟ ଜଣକୁ ହରାଇବା ନିଶାରେ ପିଲାଏ ରାତିସାରା କମ୍ବଳ ଭିତରେ ଶୋଇରହି ଗେମ୍ ଖେଳୁଛନ୍ତି। ୧୦ ମିନିଟ୍ରୁ କେତେବେଳେ ୪/୫ ଘଣ୍ଟା ବିତିଯାଏ ତାହା ସେମାନେ ଜାଣିପାରନ୍ତି ନାହିଁ। ଡୋପାମିନ୍ ହର୍ମୋନ କାରଣରୁ ସେମାନଙ୍କୁ ଗେମ୍ ନିଶା ଲାଗିଯାଏ। ଏହି ନିଶା ସେମାନଙ୍କ ବିକାଶରେ ବାଧା ଉପୁଜାଏ। ଭର୍ଚୁଆଲ୍ ୱାର୍ଲ୍ଡରେ ହିରୋ ହେବାକୁ ଯାଇ ସେମାନେ ରିୟଲ୍ ଲାଇଫଠାରୁ ଦୂରେଇ ଯାଆନ୍ତି।

କ୍ୟାରିୟର

ନିଜକୁ ଚିହ୍ନନ୍ତୁ

ଅନେକ ସମୟରେ ଆମେ ନିଜକୁ ନିଜେ ଜାଣୁନା। ନିଜର ଆତ୍ମବଡ଼ିମା ଦେଖାଇବା ସହିତ ଭାବୁ, ଆମେ ସବୁକିଛି ଦୁନିଆର ଜାଣିଛୁ। ଏମିତି ଅନେକ ଲୋକ ଦୁନିଆର ରହିଛନ୍ତି, ଯେଉଁମାନେ ନିଜକୁ ଚିହ୍ନିବାକୁ ଚାହାନ୍ତି ନାହିଁ। ନିଜକୁ ନଚିହ୍ନିବା ଦ୍ୱାରା ସେମାନେ ନିଜ ଅଲକ୍ଷ୍ୟରେ ଲୋକହସା ହୁଅନ୍ତି ସିନା ନିଜକୁ ସୁଧାରି ପାରନ୍ତି ନାହିଁ। ଫଳରେ ନିଜ ବ୍ୟକ୍ତିତ୍ୱ ଉଚ୍ଚ ହେବା ବଦଳରେ ନିଚ୍ଚ ହୋଇଥାଏ। ଯେକୌଣସି ସଂସ୍ଥାରେ ନିଜକୁ ପ୍ରତିପାଦିତ କରିବାକୁ ହେଲେ ନିଜକୁ ଭଲ ଭାବରେ ଚିହ୍ନିବା ଦରକାର। କେଉଁସବୁ ଦକ୍ଷତା ନିଜ ପାଖରେ ରହିଛି, କେଉଁ ଦୁର୍ବଳତା ରହିଛି, ତାହା ଜାଣିବା ଦରକାର। ନିଜର ବ୍ୟବହାର ଅନ୍ୟମାନଙ୍କ ପ୍ରତି କିଭଳି, ଅନ୍ୟକୁ ଆପଣାର କରିବାର କଳା କେତେ ଜାଣିବା ଦରକାର। ନିଜ ଭିତରେ ଥିବା ଭଲଗୁଣ ଓ ଖରାପ ଗୁଣକୁ ମଧ୍ୟ ଜାଣିବା ଦରକାର। କେଉଁ କେଉଁ ଖରାପ ଗୁଣ ଅନ୍ୟମାନଙ୍କ ପାଇଁ କ୍ଷତିକାରକ, ତାହା ଜାଣିବା ଦରକାର ଓ ପରବର୍ତ୍ତୀ ସମୟରେ ସେହିସବୁ ବଦଗୁଣକୁ ପରିହାର କରିବା ମଧ୍ୟ ଦରକାର। ନିଜ ଭିତରେ କେଉଁ ଦକ୍ଷତା କମ୍ ରହିଛି, ନିଜ ସହକର୍ମୀଙ୍କ ଠାରୁ, ତାହା ଜାଣିବା ସହିତ ନିଜକୁ ଅନ୍ୟମାନଙ୍କ ସହ ସମକକ୍ଷ କରିବା ଦରକାର। ଏଣୁ ନିଜକୁ ଚିହ୍ନି ପାରିଲେ, ଦୁନିଆ ଚିହ୍ନିବା ସହଜ ହୋଇପାରିବ।

ଜାମିନ ଆଇନ ସଂଶୋଧନ

ଗଙ୍ଗାଧର ସାମଲ

ସଭ୍ୟ ଓ ଗଣତାନ୍ତ୍ରିକ ସମାଜରେ ଅପରାଧ ନିୟନ୍ତ୍ରଣ, ଦଣ୍ଡବିଧି ଆଇନ ଓ ଅପରାଧୀ ମାନଙ୍କ ପୁନର୍ବାସ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଆଇନର ଶାସନରେ ଅପରାଧ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ସେ ପର୍ଯ୍ୟନ୍ତ ଧରାଯିବ, ଯେ ପର୍ଯ୍ୟନ୍ତ ସେମାନେ ଅଦାଲତ ବିଚାର ପ୍ରକ୍ରିୟାରେ ଦୋଷୀ ସାବ୍ୟସ୍ତ ନହୋଇଛନ୍ତି। ତେଣୁ କୁହାଯାଏ ସେ ହଜାରେ ଜଣ ଦୋଷୀ ପଛେ ଖଲାସ ହୋଇଯାଆନ୍ତୁ ଜଣେ ନିର୍ଦ୍ଦୋଷକୁ ଦଣ୍ଡ ଦିଆ ନଯାଉ। କିନ୍ତୁ ଆମ ବିଚାର ପ୍ରକ୍ରିୟା ଏତେ ବିଳମ୍ବିତ ହୋଇଯାଉଛି ଯେ ଦୋଷୀ ନିର୍ଦ୍ଦୋଷ ଉଭୟେ ବହୁବର୍ଷ ଧରି ବିଚାରାଧୀନ କଏଦୀ ଭାବେ ଜେଲରେ ସଢୁଛନ୍ତି। କାରଣ ବିଚାର ପ୍ରକ୍ରିୟାର ଲକ୍ଷ୍ୟ ହେଲା କାହାକୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ତାହାର ଅପରାଧ ସବୁପ୍ରକାର ସନ୍ଦେହର ଊର୍ଦ୍ଧ୍ୱରେ ପ୍ରମାଣିତ ହେବା ଆବଶ୍ୟକ।

ଏଭଳି ବିଳମ୍ବିତ ବିଚାର ପ୍ରକ୍ରିୟାର ପୃଷ୍ଠଭୂମିରେ ଅପେକ୍ଷାକୃତ କମ ଜଘନ୍ୟ ଅପରାଧରେ ଅଭିଯୁକ୍ତ ଓ ପ୍ରଥମ ଦୃଷ୍ଟିରେ ନିର୍ଦ୍ଦୋଷ ଜଣାପଡୁଥିବା ଅଭିଯୁକ୍ତ ମାନଙ୍କୁ ଆଇନରେ ଜାମିନ ଦେବାର ବ୍ୟବସ୍ଥା ରହିଛି। ଜାମିନର ଅର୍ଥ ହେଲା ଅଭିଯୁକ୍ତ ବ୍ୟକ୍ତି କେତେକ ସର୍ତ୍ତଭିତ୍ତିରେ ବିଚାରାଧୀନ ଜେଲରୁ ମୁକ୍ତି ପାଇବେ ଏବଂ ଆବଶ୍ୟକ ପଡ଼ିଲେ ଫଏସଲା ହେବା ପର୍ଯ୍ୟନ୍ତ ଅଦାଲତ ନିର୍ଦ୍ଦେଶରେ ହଜାର ହେବେ। ଜାମିନ ଦେବା ଅଧିକାର ଜିଲ୍ଲାସ୍ତରୀୟ ବିଚାରପତିମାନଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବିଚାରପତି ମାନଙ୍କର କ୍ଷମତା ଆଇନରେ ରଖାଯାଇଛି। କିନ୍ତୁ ଜାମିନ ବ୍ୟବସ୍ଥାର ଉପଯୋଗ ଜିଲ୍ଲାସ୍ତରୀୟ ଅଦାଲତ ମାନଙ୍କରେ ଠିକ ଭାବେ ହୋଇପାରୁନାହିଁ ବୋଲି ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ ନିକଟରେ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମତରେ ଜିଲ୍ଲାସ୍ତରୀୟ ବିଚାରପତିମାନେ ଜାମିନ ବ୍ୟବସ୍ଥାର ପୂର୍ଣ୍ଣ ଭାବେ ପାଳନ କରିବାକୁ ହୁଏତ ଭରସି ପାରୁନାହାନ୍ତି। ତେଣୁ ରୁଟିନ ଉପାୟରେ କେସ ତାରିଖ ଘୁଞ୍ଚି ଯାଉଛି ଏବଂ ବିଚାରାଧୀନ ବ୍ୟକ୍ତି ଜାମିନ ନପାଇ ଜେଲ ଭିତରେ ବନ୍ଦୀ ହୋଇ ରହୁଛନ୍ତି। ମୁଖ୍ୟ ବିଚାରପତିଙ୍କ ଏହି ବକ୍ତବ୍ୟ ଆମ ନ୍ୟାୟପାଳିକା ବ୍ୟବସ୍ଥାର ଏକ ଦୁର୍ବଳତାକୁ ସୂଚାଉଛି। ଏହାଫଳରେ ଅଭିଯୁକ୍ତମାନେ ଜାମିନ ପାଇଁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଆମେ ଜାଣୁ ଯେ ଆମ ଦେଶରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଜାମିନ ପାଇଁ ଯିବାକୁ କେଳ ମୁଷ୍ଟିମେୟ ଲୋକଙ୍କ ପାଖରେ ଧନ ବଳ ଓ ଶକ୍ତି ରହିଛି। ଅଧିକାଂଶ ସାଧାରଣ ଓ ଗରିବ ଲୋକ ଉଚ୍ଚ ଅଦାଲତକୁ ଯାଇ ନପାରି ଅକାରଣେ ବିଚାରାଧୀନ କଏଦୀ ଭାବେ ରହିବାକୁ ବାଧ୍ୟ ହେଉଛନ୍ତି। ସେଥିପାଇଁ ଆମ ଦେଶର ଜେଲ ମାନଙ୍କରେ ଅପରାଧୀ ରହିବା ପାଇଁ ସ୍ଥାନ ଅଭାବ ପଡୁଛି। ଜେଲରେ ରହୁଥିବା ମୋଟାମୋଟି ତିନି ଚତୁର୍ଥାଂଶ ବନ୍ଦୀ ହେଉଛନ୍ତି ବିଚାରାଧୀନ କଏଦୀ। ଦେଶରେ ବିଭିନ୍ନ ଅଦାଲତ ମାନଙ୍କରେ ମୋଟ ବିଚାରାଧୀନ ମାମଲା ବହୁ ବର୍ଷ ଧରି ଏକ ବିପୁଳ ସଂଖ୍ୟାରେ ପହଞ୍ଚି ସାରିଛି। ଏହା ସାଙ୍ଗକୁ ଜଜ୍ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ସୁପ୍ରିମକୋର୍ଟରୁ ଆରମ୍ଭ କରି ବିଭିନ୍ନ ରାଜ୍ୟ ହାଇକୋର୍ଟ, ଜିଲ୍ଲା ଓ ନିମ୍ନ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ବାକି ରହିଛି। ସୁପ୍ରିମକୋର୍ଟ ୱେବସାଇଟରେ ପ୍ରକାଶିତ ପରିସଂଖ୍ୟାନ ଅନୁଯାୟୀ ଗତ ବର୍ଷ ନଭେମ୍ବର ୧ ତାରିଖ ସୁଦ୍ଧା ସୁପ୍ରିମକୋର୍ଟରେ ୬୯୭୮୧ ମାମଲା ବିଚାରାଧୀନ ରହିଛି। ସେହିପରି କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭାରେ ଦେଇଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଜୁଲାଇ ୨୫ ତାରିଖ ସୁଦ୍ଧା ବିଭିନ୍ନ ରାଜ୍ୟ ହାଇକୋର୍ଟରେ ମୋଟ ବିଚାରାଧୀନ ମାମଲା ସଂଖ୍ୟା ୫୯ଲକ୍ଷ ୫୫ ହଜାର ୮୭୩। ଦେଶର ଜିଲ୍ଲା ଓ ଅଧସ୍ତନ କୋର୍ଟ ମାନଙ୍କରେ ୪କୋଟି ୮୩ଲକ୍ଷ ମାମଲା ବିଚାରାଧୀନ ଅଛି। ଏଥିରୁ ଆମ ବିଚାର ବ୍ୟବସ୍ଥା ଉପରେ ବିଚାରାଧୀନ ମାମଲାର ବୋଝ ସହଜେ ଅନୁମେୟ।

ଆଇନ ଅନୁସାରେ ଜାମିନକୁ ଅଗ୍ରାଧିକାର ଦେବା କଥା, ଜେଲକୁ ନୁହେଁ। କିନ୍ତୁ ଆମ ଦେଶରେ ପୁଲିସ ବ୍ୟବସ୍ଥା ସ୍ୱଚ୍ଛ ନୁହେଁ। ଅନେକ ମାମଲାରେ ରାଜନୈତିକ ଚାପରୁ ହେଉ ବା ଦୁର୍ନୀତିର ପରିଣାମ ସ୍ୱରୂପ ଅନେକ ନିର୍ଦ୍ଦୋଷଙ୍କୁ ପୁଲିସ ବିଭିନ୍ନ ମାମଲା ଆଳରେ ବାନ୍ଧି ପକାନ୍ତି ଓ କୋର୍ଟକୁ ଚାଲାଣ କରନ୍ତି। ଅଧିକାଂଶତଃ ଏଭଳି ମାମଲାରେ ପୁଲିସର ଅଭିଯୋଗ ଫର୍ଦ୍ଦ ବା ଚାର୍ଜସିଟ ଅପୂର୍ଣ୍ଣ ରହିଥାଏ। ଏଭଳି ଅଭିଯୁକ୍ତମାନଙ୍କୁ ଜାମିନ ସହଜରେ ମିଳିବା କଥା। କିନ୍ତୁ ଜିଲ୍ଲାସ୍ତରୀୟ ବିଚାରପତିମାନେ ଯଦି ଆଇନରେ ଥିବା ଜାମିନ କ୍ଷମତାର ସମ୍ପୂର୍ଣ୍ଣ ସଦବ୍ୟବହାର କରିବାକୁ ପଛେଇବେ ତେବେ ସେହି ମାମଲାରେ ଫସିଥିବା ନିର୍ଦ୍ଦୋଷ ବ୍ୟକ୍ତିଟି ଯଦି ଗରିବ କିମ୍ବା ପଛୁଆବର୍ଗର ହୋଇଥାଏ ତେବେ ଜାମିନ ପାଇଁ ଉପରକୋର୍ଟକୁ ଯିବା ତା ପକ୍ଷରେ ସ୍ୱପ୍ନ ହୋଇପଡ଼େ। କାନମୁଣ୍ଡା ଆଉଁଷି ତାକୁ ବିଚାରାଧୀନ କଏଦୀ ଭାବେ ବର୍ଷ ବର୍ଷ ଧରି ଜେଲରେ ରହିବାକୁ ପଡ଼ିପାରେ। ଯଦି ମାମଲାଗୁଡ଼ିକ ତ୍ୱରନ୍ତ ବିଚାର ହୋଇପାରୁଥାନ୍ତା ତା'ହେଲେ ହୁଏତ ସେମାନଙ୍କ ମଧ୍ୟରୁ ଅନେକ ନିର୍ଦ୍ଦୋଷରେ ଖଲାସ ହୋଇପାରନ୍ତେ। ଅଦାଲତରେ ନିୟମିତ ବିଚାର ହେଲେ ମଧ୍ୟ ଆମ ଦେଶରେ ହତ୍ୟା ଭଳି ଜଘନ୍ୟ ଅପରାଧରେ ପ୍ରାୟ ୪୦ ପ୍ରତିଶତ ଅଭିଯୁକ୍ତ ହିଁ ଦଣ୍ଡିତ ହେଉଛନ୍ତି।

ଆମ ନ୍ୟାୟିକ ପ୍ରକ୍ରିୟାରେ ଏହି ଯେଉଁ ଅନ୍ଧାରୁଆ ଦିଗଟି ରହିଛି ସେଥିରେ ଉପଯୁକ୍ତ ସଂସ୍କାର ନ ଆଣିଲେ ବର୍ଷ ବର୍ଷ ଧରି ନିର୍ଦ୍ଦୋଷ ବ୍ୟକ୍ତିମାନେ ଜାମିନ ଅଭାବରେ ଜେଲ ଦଣ୍ଡ ଭୋଗୁଥିବେ। ଏଥିନିମନ୍ତେ ଜିଲ୍ଲାସ୍ତରୀୟ ବିଚାରପତିମାନଙ୍କ ପାଇଁ ଆଇନଗତ ମାର୍ଗଦର୍ଶିକା ଆବଶ୍ୟକ। ଉଚ୍ଚତମ ଅଦାଲତ ଏହାପୂର୍ବରୁ ଅନେକ ବାର ଜାମିନ ପ୍ରଣାଳୀରେ ଥିବା ଦୁର୍ବଳତା ବିଷୟରେ ଆଲୋକପାତ କରିଛନ୍ତି। ବିଚାରାଧୀନ କଏଦୀମାନଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ମଧ୍ୟ ଆଇନରେ ଉପଯୁକ୍ତ ସଂଶୋଧନ କରିବାକୁ ପରାମର୍ଶ ଦେଇସାରିଛନ୍ତି। ମୁଖ୍ୟ ବିଚାରପତିଙ୍କ ସଦ୍ୟତମ ମନ୍ତବ୍ୟକୁ ସଂସଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା ଅବିଳମ୍ବେ କରାଯିବା ଉଚିତ ଏବଂ ଆମ ନ୍ୟାୟ ବ୍ୟବସ୍ଥାରେ କୌଣସି ନିର୍ଦ୍ଦୋଷ ବ୍ୟକ୍ତି ବିଚାର ପ୍ରକ୍ରିୟା କିମ୍ବା ବିଚାରପତିଙ୍କ ଦ୍ୱନ୍ଦ୍ୱ ଯୋଗୁଁ ଅଧିକ ଗୋଟିଏ ଦିନ ମଧ୍ୟ ଜେଲରେ ବନ୍ଦୀ ନ ହେଉ। ଏହା ଆମ ଗଣତନ୍ତ୍ରର ଏକ ସୁସ୍ଥ ପରିଚୟ ହେଉ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୨୨୬୬୪୭

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

ଉତ୍ତମ ସ୍ୱାସ୍ଥ୍ୟ ଚାହୁଁଥିଲେ...

ପ୍ରତ୍ୟେକ ଲୋକ ଚାହାନ୍ତି ସୁସ୍ଥ ଭାବରେ ଜୀବନଯାପନ କରିବାକୁ। ଗରିବ ହେବା ଯେତିକି କଷ୍ଟଦାୟକ ନୁହେଁ, ରୋଗୀ ହେବା ହଜାରେ ଗୁଣର କଷ୍ଟଦାୟକ। ସେଥିପାଇଁ ସବୁବେଳେ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିଥାନ୍ତି। ଅନେକାଂଶରେ ଲୋକମାନେ ବେଳେବେଳେ ନିଜ ସ୍ୱାସ୍ଥ୍ୟକୁ ନେଇ ଉଦାସୀନ ଥାଆନ୍ତି। ନିଜ ସ୍ୱାସ୍ଥ୍ୟର ଯତ୍ନନେବାକୁ ଅନେକ ଯେଉଁ ଅବହେଳା ପ୍ରଦର୍ଶନ କରିଥାନ୍ତି, ପରବର୍ତ୍ତୀ ସମୟରେ ତାହାର ଭରଣା ଦେବାକୁ ପଡ଼େ ଅର୍ଥାତ ଡାକ୍ତରଖାନାରେ ଅନେକ ଅର୍ଥ ଅପଚୟ କରିବାକୁ ପଡ଼େ। ବେଳ ଥାଉ ଥାଉ ସାବଧାନତା ଅବଲମ୍ବନ କରିବା ହେଉଛି ବୁଦ୍ଧିମାନ ଲୋକର କର୍ତ୍ତବ୍ୟ। ଶରୀରକୁ ସୁସ୍ଥ ରଖିବା ପାଇଁ ଯଦି ମୂଳରୁ ସଚେତନ ଅଳ୍ପ କିଛି ସଚେତନତା ଅବଲମ୍ବନ କରାଯାଇପାରିଲା, ତା’ହେଲେ ଭବିଷ୍ୟତକୁ ଏତେ ସମସ୍ୟା ନଥାଏ। ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବାକୁ ପ୍ରଥମେ ନିଜକୁ ନିଜର ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି କରିବାରେ ସଚେତନତା ଅବଲମ୍ବନ କରିବା ଜରୁରୀ। ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି ହେଲେ କୌଣସି ରୋଗ ଏତେ ସହଜରେ ଆକ୍ରମଣ କରିପାରେ ନାହିଁ। ଅନେକ ରୋଗକୁ ପ୍ରତିହତ କରିବାର କ୍ଷମତା ରୋଗ ପ୍ରତିଶେଧକ ଶକ୍ତି ହିଁ ବହନ କରେ।

ସୁଷମ ଖାଦ୍ୟ:

ପ୍ରତ୍ୟେକ ମଣିଷ ଜୀବନ ନିର୍ବାହ କରିବା ଓ ସୁସ୍ଥ ଭାବରେ ରହିବା ପାଇଁ ସୁଷମ ଖାଦ୍ୟ ଖାଇବା ଦରକାର। ସୁଷମ ଖାଦ୍ୟ କହିଲେ ଶରୀରର ପାଇଁ ଦରକାର ହେଉଥିବା କ୍ୟାଲୋରୀର ଶକ୍ତି ପାଇଁ ଯାହା କିଛି ସନ୍ତୁଳିତ ଖାଦ୍ୟ ଦରକାର ଖାଇବା ଦରକାର। ପେଟ ପୂରାଇବା ପାଇଁ ଯାହା କିଛି ଖାଇଦେଲେ ହେବ ନାହିଁ। ସେଥିପାଇଁ ଶରୀରର ଆବଶ୍ୟକ କରୁଥିବା ଶକ୍ତି କିଭଳି ଭାବରେ କେଉଁ ଖାଦ୍ୟରୁ ମିଳିପାରିବ, ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ଶରୀର ସୁସ୍ଥ ରହିବା ପାଇଁ ସକାଳେ ଖାଲି ପେଟରେ ଅଧିକ ସମୟ ରହିବା ଅନୁଚିତ। ସକାଳ ବ୍ରେକ୍‌ଫାଷ୍ଟକୁ ଅଣଦେଖା କରିବା ଉଚିତ ନୁହେଁ। ନିଶାସେବନ କିମ୍ବା ଅନିୟମିତ ଜୀବନଧାରଣ ପାଇଁ ଅନେକ ଲୋକ ଦିନର ପ୍ରଥମ ଖାଦ୍ୟଗ୍ରହଣ ଦ୍ୱି-ପ୍ରହର ସମୟରେ କରିଥାନ୍ତି, ଯାହା ଦେହ ପାଇଁ ଅତ୍ୟନ୍ତ କ୍ଷତିକାରକ। ସେଥିପାଇଁ ବିଭିନ୍ନ ପ୍ରକାର ସନ୍ତୁଳିତ ଖାଦ୍ୟପଦାର୍ଥ ଖାଇବା ଦରକାର। ବିଭିନ୍ନ ପ୍ରକାର ଫଳମୂଳ, କ୍ଷୀର, ଅଣ୍ଡା, ମାଛ, ମାଂସ ଆଦି ଖାଇବା ଦରକାର। ଯେଉଁମାନେ ସମ୍ପୂର୍ଣ୍ଣ ନିରାମିଷ ଖାଦ୍ୟ ଖାଉଛନ୍ତି, ସେମାନେ ଖାଦ୍ୟପଦାର୍ଥ ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ। ଆମିଷ ଖାଦ୍ୟରୁ ମିଳୁଥିବା କ୍ୟାଲେରୀ ଅନ୍ୟ ନିରାମିଷ ଖାଦ୍ୟରୁ ମଧ୍ୟ ପ୍ରଚୁର ପରିମାଣରେ ମିଳିପାରିବ। ଯଦି ନିଜେ କଣ ଖାଇଲେ, ସୁଷମ ଖାଦ୍ୟ ତାଲିକାଭୁକ୍ତ ହୋଇପାରିବ, ସିଦ୍ଧାନ୍ତ ନେଇପାରୁନାହାନ୍ତି, ତା’ହେଲେ ଡ଼ାଏଟିସିଆନଙ୍କ ପରାମର୍ଶ ନେଇ ଖାଇଲେ, ସେଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଯଦି କାର୍ଯ୍ୟବ୍ୟସ୍ତ କାରଣରୁ ଠିକ୍ ସମୟରେ ଖାଦ୍ୟପଦାର୍ଥ ଗ୍ରହଣ କରିବା ଅସୁବିଧା ହେଉଛି, ତା’ହେଲେ ମଲ୍ଟି ଭିଟାମିନ୍ ସପ୍ଲିମେଣ୍ଟ ନେବା ଦରକାର। ରେକୋମେଣ୍ଡେଡ଼ ଡ଼େଲି ଆଲାଉନ୍ସ(ଆରଡ଼ିଏ) ଜଣେ ବ୍ୟକ୍ତିକୁ ପ୍ରତ୍ୟେକ ଦିନ ଦରକାର ପଡୁଥିବା ଶକ୍ତି ଯୋଗାଇ ପାରିବ, ଯାହା ମଲ୍ଟି ଭିଟାମିନ୍ ସପ୍ଲିମେଣ୍ଟର ଅର୍ନ୍ତଭୁକ୍ତ।

ଅଧିକ ବିଶ୍ରାମ ନେବା ଦରକାର:

ଯେଉଁମାନେ ଅଧିକ କାମରେ ବ୍ୟସ୍ତ ରହୁଛନ୍ତି, ବିଶ୍ରାମ ଠିକ୍ ଭାବରେ କରିପାରୁନାହାନ୍ତି, ସେମାନେ କେବେ ଭୁଲିଯିବା ଉଚିତ ନୁହେଁ ଯେ ଏହା ପରବର୍ତ୍ତୀ ମୁହୂର୍ତ୍ତରେ ଅଧିକ ମହଙ୍ଗା ସେମାନଙ୍କ ପାଇଁ ପଡ଼ିବ। ଶରୀର ଯେତିକି ପରିମାଣରେ ବିଶ୍ରାମ ଚାହୁଁଛି, ଅଧିକ ନହେଲେ ବି ଆପାତତଃ ସେତିକି ବିଶ୍ରାମ କରିବା ଦରକାର। ଅନେକ ରାତି ଅନିଦ୍ରା ରହି କାର୍ଯ୍ୟ କରିବା କିମ୍ବା ଅଧିକ ସମୟ ଧରି ରାତିରେ ଟିଭି କିମ୍ବା ମୋବାଇଲରେ ବ୍ୟସ୍ତ ରହି ଡ଼େରିରେ ଶୋଇବା ଅଭ୍ୟାସରେ ପଡ଼ିଯାଇଥାନ୍ତି। ତାହା ଶରୀରର ପାଇଁ ଅନେକ ହାନିକାରକ। ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ରହିବା ଓ ଶୀଘ୍ର ଉଠିବା ଦ୍ୱାରା ଶରୀର ଉପଯୁକ୍ତ ପରିମାଣରେ ବିଶ୍ରାମ ପାଇପାରେ ନାହିଁ। ଫଳରେ ଦିନରେ କାର୍ଯ୍ୟରେ ମାନ୍ଦା ଆସିବା ସହ ଦେହ ଭଲ ଲାଗେନାହିଁ। ଆଳସ୍ୟ ଲାଗେ। ଫଳରେ ଅନେକ ନିକୋଟିନ୍ ଉପରେ ନିର୍ଭର କରି କାମ ଚଳେଇ ନିଅନ୍ତି। ଅବସାଦ ଦୂର କରିବାକୁ ନିକୋଟିନ ସେବନ କରିବା ମଧ୍ୟ ଶରୀର ପାଇଁ ହାନିକାରକ। ଯାହା ଶରୀରର ଅଭୂତପୂର୍ବ କ୍ଷତି ଘଟାଇଥାଏ। ତେଣୁ ସବୁବେଳେ ନିଦ୍ରାହୀନତାକୁ ପରିତ୍ୟାଗ କରିବା ଦରକାର। ଯେଉଁମାନେ ବିଭିନ୍ନ ଅବସାଦ ମଧ୍ୟରେ ରହୁଛନ୍ତି। ନିଦ ଠିକ୍ ଭାବରେ ହେଉନାହିଁ । ସେମାନେ ଡ଼ାକ୍ତରଙ୍କ ପରାମର୍ଶ କରି କିଭଳି ଭଲ ନିଦ ହୋଇପାରିବ, ଦରକାର ପଡ଼ିଲେ ଔଷଧ ମଧ୍ୟ ଖାଇବା ଦରକାର।

ନିୟମିୟ ବ୍ୟାୟାମ:

ଶରୀର ସୁସ୍ଥ ରଖିବାକୁ ନିୟମିତ ବ୍ୟାୟାମ କରିବା ଦରକାର। ନିୟମିତ ବ୍ୟାୟାମ କରିବା ଦ୍ୱାରା ଶରୀର ସୁସ୍ଥ ହେବା ସହ ଆକ୍ଟିଭ ମଧ୍ୟ ହୋଇଥାଏ। ବ୍ୟାୟାମ ଦ୍ୱାରା ହାର୍ଟ ମଧ୍ୟ ଭଲ ଭାବରେ ସଂଚାଳିତ ହୋଇଥାଏ। ରକ୍ତପ୍ରବାହ ଠିକ୍ ଭାବରେ ଶରୀରରେ ହେବା କାରଣରୁ ଅନେକ ଆତ୍ମଘାତୀ ରୋଗରୁ ରକ୍ଷା ମିଳିଥାଏ। ଅନେକ ଆଳସ୍ୟତା କାରାଣରୁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାନ୍ତି। ମର୍ଣ୍ଣିଂୱାର୍କ ହେଉକି ସାଇକ୍ଲିଂ, ସୁଇମିଂ ହେଉକି ବାଇକିଂ, ଯିଏ ଯେଉଁ ଉପାୟରେ ହେଉ ମଧ୍ୟ କରିବା ଦରକାର।



ଯୋଗ, ପ୍ରାଣାୟମ ମଧ୍ୟ ଶରୀରରକୁ ଅନେକ ଲାଭ ଦେଇପାରେ। ନିୟମିତ ଶାରୀଶିକ ଶ୍ରମ ଦ୍ୱାରା ଯେଉଁ ଫଳ ମିଳେ, କୌଣସି ଡ଼ାକ୍ତର ପରାମର୍ଶ କି ଔଷଧ ସେବନରୁ ମିଳି ନଥାଏ। ଯେଉଁମାନେ ନିୟମିତ ଭାବରେ ଏସବୁ କରୁଛନ୍ତି, ସେମାନଙ୍କ ମଧ୍ୟରେ ରୋଗ ପ୍ରତିଶେଧକ ଶକ୍ତି ଅଧିକ ଥିବା ଦେଖାଯାଏ। ସେମାନଙ୍କୁ ସହଜରେ କୌଣସି ରୋଗ ଏତେ କ୍ଷତିଗ୍ରସ୍ତ କରିପାରେନାହିଁ। ଯେଉଁମାନେ ଶାରୀରିକ ପରିଶ୍ରମ କରୁଛନ୍ତି, ସେମାନଙ୍କ କଥା ଭିନ୍ନ। ଯେଉଁମାନେ ଅଫିସରେ ଅଧିକ ସମୟ ଧରି କାମ କରୁଛନ୍ତି, ଆପାତତଃ ସେମାନେ ଶାରୀରିକ ଶ୍ରମ କିଛି କିଛି ପରିମାଣରେ କରିବା ଦରକାର। ଦରକାର ପଡ଼ିଲେ, ନିଜ କିଚେନ ଗାର୍ଡ଼େନରେ କାମ କଲେ କି ଘର ସଜାଇବା ପାଇଁ ଲଗାଯାଇଥିବା ଫୁଲଗଛର ଯତ୍ନ ନେଲେ ବି କିଛି ଶାରୀରିକ ଶ୍ରମ ପାଇଁ ସୁଯୋଗ ପାଇପାରିବେ। ଡାକ୍ତରଙ୍କ ପରାମର୍ଶ ନେଇ ବ୍ୟାୟାମ ମଧ୍ୟ କରାଯାଇପାରିବ। ଅନେକ ଯୋଗଗୁରୁ ମଧ୍ୟ ଏବାବଦରେ ବେଶ୍ ଭଲ ପରାମର୍ଶ ଦେଇପାରିବେ। ସବୁଠୁ ବଡ଼କଥା ହେଲା, ଯେଉଁ ଉପାୟରେ ହେଉ ମଧ୍ୟ ଶାରୀରିକ ଶ୍ରମ କରିବା ଦରକାର, ଯାହା ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି କରିପାରିବ।

ରୋଗ ପ୍ରତିରୋଧକ ଶକ୍ତିର ଅନିୟମିତତା ଜଗିବା:

ରୋଗ ପ୍ରତିଶେଧକ ଶକ୍ତି ମଣିଷ ଶରୀରରେ ଯେତିକି ପରିମାଣରେ ଥାଏ, ତାହା ଅନେକ ସମୟରେ ରୋଗକୁ ପ୍ରତିରୋଧ କରିପାରେ ନାହିଁ। ସାଧାରଣ ଭାବରେ ଦେଖିବାକୁ ଗଲେ ଲୋକମାନେ ଏସବୁ କଥା ପ୍ରତି ଆଦୌ ଧ୍ୟାନ ଦେଇ ନଥାନ୍ତି। ଅଧିକାଂଶ ଲୋକ ରୋଗ ନହେଲେ ଡ଼ାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ସମସ୍ତ ଭାବନ୍ତି, ଡ଼ାକ୍ତରମାନେ କେବଳ ରୋଗ ପାଇଁ ପରାମର୍ଶ ଦେଇପାରିବେ। ଡ଼ାକ୍ତରମାନେ ରୋଗ ବ୍ୟତୀତ ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ପରାମର୍ଶ ଦେଇପାରିବେ, ଏକଥା ସମସ୍ତେ ଜାଣିଥିଲେ ବି ପ୍ରାୟ କେହି ଏସବୁ କଥା ପ୍ରତି ଧ୍ୟାନ ଦେଇ ନଥାନ୍ତି। ରୋଗ ହେବା ସମୟରେ କେବଳ ଡ଼ାକ୍ତରଙ୍କୁ ନୁହେଁ ବରଂ ନିୟମିତ ବ୍ୟବଧାନରେ ଡ଼ାକ୍ତରଙ୍କ ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ନେବା ଜରୁରୀ। ଖାଦ୍ୟପଦାର୍ଥ ଠାରୁ ଆରମ୍ଭ କରି ଶରୀରର ଚେକ୍‌ଅପ୍ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ କରିବା ଦରକାର। ଯେଉଁମାନେ ଏସବୁ କରୁଛନ୍ତି, ସେମାନେ ରୋଗକୁ ନେଇ କେବେ ବିଚଳିତ ହେବେନାହିଁ । ଯେଉଁମାନଙ୍କର ବୟସ ଅଧିକ ହୋଇଯାଇଛି, ସେମାନେ ବି ଡ଼ାକ୍ତରଙ୍କ ସହ ପରାମର୍ଶ ନେଇ ନିଜର ଜୀବନଶୈଳୀକୁ ସଠିକ୍ ଭାବରେ ପରିଚାଳିତ କରିବା ଦରକାର। ଫଳରେ ହ୍ରାସ ପାଇଯାଇଥିବା ରୋଗ ପ୍ରତିଶେଧକ ଶକ୍ତି ନିୟନ୍ତ୍ରିତ ହୋଇ ରହିବା ସହ ନିରୋଗ ମଧ୍ୟ ରହିପାରିବେ।

ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି କରିବା ନିମନ୍ତେ ନିୟମିତ ଖାଦ୍ୟ, ବିଶ୍ରାମ, ଲାଇଫଷ୍ଟାଇଲକୁ ସରସ ସୁନ୍ଦର କରିବା ଦରକାର। ଶରୀର ହେଉଛି ମଣିଷର ଅମୂଲ୍ୟ ସମ୍ପଦ। ଏହା ଥରେ ନଷ୍ଟ ହୋଇଗଲେ, ସୁସ୍ଥ କରିବା ଏତେ ସହଜ ହୋଇ ନଥାଏ ।

ମହକ

ଅନନ୍ୟ ମାର୍ଗ ଦର୍ଶକ :

ବରିଷ୍ଠ ସମାଜସେବୀ ଇଂ.ଅଶୋକ କୁମାର ବିଶ୍ୱାଳ

ଜାତୀୟତାବାଦୀ ଚିନ୍ତା ଚେତନା, ଅନନ୍ୟ ମହାନ୍ ଆଦର୍ଶ ଆଉ ଦେଶାତ୍ମକବୋଧ ଭାବନାକୁ ହୃଦୟରେ ଧରି ଜନ୍ମ ନେଇଥିବା ମହାପୁରୁଷମାନଙ୍କ ଉତ୍ସର୍ଗୀକୃତ ଜୀବନକୁ ପର୍ଯ୍ୟାଲୋଚନା କଲେ ମନରେ ସ୍ୱତଃ ଜାଗ୍ରତ ହୁଏ ସେହି ମହାନ୍ ସ୍ରଷ୍ଟା କାଳଜୟୀ ପୂଜ୍ୟପାଦ ଉତ୍କଳମଣି ଗୋପବନ୍ଧୁଙ୍କ ଅମୃତ ବାଣୀ 'କୋଉ ଭାଇ ବନ୍ଧୁ କିଏବା କାହାର ସମସ୍ତେ ମାୟାର ଭିଆଣ, ସାର୍ଥକ ଜୀବନ ତାହାର ପର ପାଇଁ ଯିଏ ଦେଉଛି ପ୍ରାଣ ।' ଏହି ଆଦର୍ଶରେ ଅନୁପ୍ରାଣିତ ଆମ ସମୟର ଜଣେ ପ୍ରବୀଣ ପ୍ରତିଭାଦୀପ୍ତ ସକାରାତ୍ମକ ସାରସ୍ୱତ ସାଧକ, ଶୋଭାନୀୟ ଚିନ୍ତା ଚେତନା, ଉଦାର ମାନବିକତା, ଜୀବନ ଚର୍ଯ୍ୟାରେ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବଧାରାର ବ୍ୟକ୍ତିତ୍ୱ, ବୈଷୟିକ ଜ୍ଞାନ କୌଶଳ ଦିଗରେ ଉଚ୍ଚସ୍ତରୀୟ ଗବେଷକ, ବିଜ୍ଞ, ପ୍ରାଜ୍ଞ, ଦକ୍ଷ ସଙ୍ଗଠକ, ରାଜନୀତିଜ୍ଞ, ସେବାରେ ସମର୍ପିତ ସାଧକ, ମାଟି ମନସ୍କ, ପରିବେଶବିତ୍, ସୁବକ୍ତା, ସମାଜ ସଂସ୍କାରକ, ସାହିତ୍ୟିକ ତଥା ବରିଷ୍ଠ ସମାଜସେବୀ ଇଂ.ଅଶୋକ କୁମାର ବିଶ୍ୱାଳ ଅନ୍ୟତମ । ଅଧୁନା ସାମାଜିକ ସଂଗଠନ ପ୍ରତିଭା ବିକାଶ ପ୍ରତିଷ୍ଠାନ କଟକ ସଦର ବରେଣ୍ୟ ସଭାପତି ଭାବେ କାର୍ଯ୍ୟକରି ଗ୍ରାମାଞ୍ଚଳ ପ୍ରତିଭାଙ୍କ ବିକାଶ, ମେଧା ବିଦ୍ୟାର୍ଥୀଙ୍କୁ ପ୍ରତିଭା ସମ୍ମାନ ସହ ଉଚ୍ଚଶିକ୍ଷା ଲାଭ ଦିଗରେ ବିଶେଷ ସହାୟତା ପ୍ରଦାନ, ସାହିତ୍ୟ ସଂସ୍କୃତିର ଉନ୍ନତି, ପୂଜ୍ୟପୂଜା ଆଦି ବହୁ ସେବାକାର୍ଯ୍ୟ ଆଦିକୁ ପ୍ରୋତ୍ସାହନ ଦେବା ସହ ସେବାର ବିକାଶ ଦିଗରେ ସାଧନାରତ ଜଣେ ସଫଳ ମଣିଷ । କହିବାକୁ ଗଲେ ସମୃଦ୍ଧ, ପ୍ରଗତିଶୀଳ, ବିକଶିତ ତଥା ପୂର୍ଣ୍ଣାଙ୍ଗ ୪୨ ମୌଜା ଗଠନ ନେଇ ସେ ଏକ ବିରାଟ ସ୍ୱପ୍ନ ଦେଖିଛନ୍ତି । କଟକ ଜିଲ୍ଲା ସଦର ବ୍ଲକ କୃଷି ପ୍ରଧାନ ଅଞ୍ଚଳ ୪୨ ମୌଜା ଉପକଣ୍ଠ ବନ୍ତୁଣିଆ ଗ୍ରାମରେ ଗ୍ରାମ ପିତା ଦିବଂଗତ ବଟକୃଷ୍ଣ ବିଶ୍ୱାଳ, ମାତା ସରସ୍ୱତୀ ବିଶ୍ୱାଳଙ୍କ ଅମୀୟ ଅଙ୍କ ମଣ୍ଡନ କରି ୧୯୬୧ ମସିହା ପବିତ୍ର ଅଶୋକାଷ୍ଟମୀରେ ଜନ୍ମ ଗ୍ରହଣ କରିଥିଲେ । ସାମାଜିକ ଦାୟିତ୍ୱବୋଧ, ଅନ୍ୟମାନଙ୍କ ପାଇଁ ସମର୍ପଣ ଭାବ, ଗ୍ରାମାଞ୍ଚଳର ପରମ୍ପରାକୁ ବଜାୟ ରଖିବା, ସମୟାନୁବର୍ତ୍ତିତା, ବାଳାଶ୍ରମମାନଙ୍କରେ ସେବାକାର୍ଯ୍ୟ, ଆବଶ୍ୟକତା ଅନୁଯାୟୀ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଲାଭ ଦିଗରେ ସହାୟତା ପ୍ରଦାନ ସର୍ବୋପରି ସମାଜର ପରିବର୍ତ୍ତନ ଦିଗରେ ଜନଜାଗରଣ ସୃଷ୍ଟି କରିବା ଆଦି ଅତି ମାନବୀୟ ଚେତନା ଆଦି ଉପରେ ଆଲୋଚନା କରାଯାଏ ତେବେ ଆମ ସମୟର ସାରସ୍ୱତ ସାଧକ ଇଂ.ଅଶୋକ କୁମାରଙ୍କ କଥା ସମାଜ ପାଇଁ ଉଦାହରଣ ଓ ପ୍ରେରଣାଦାୟୀ । ସେ ୪୨ ମୌଜା ବେଷ୍ଟକାର ହାଇସ୍କୁଲରେ ମାଟ୍ରିକ, କଟକ ରେଭେନ୍ସା ମହାବିଦ୍ୟାଳୟ ପରେ ଓଡ଼ିଶା ବାହାରେ ଇଞ୍ଜିନୟରିଂ ସେକ୍ଟରରେ ଉଚ୍ଚଶିକ୍ଷା ଲାଭକରି ସେଣ୍ଟ୍ରାଲ ୱାଟର କମିଶନ୍ ବିଭାଗରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ସେବାପ୍ରାଣ ଅଶୋକ କର୍ମ ସଂସ୍ଥାନରୁ ଅବସର ପରେ ସମାଜ ପାଇଁ କିଛି ଭଲ କାର୍ଯ୍ୟ କରିବାର ମନୋଭାବ ନେଇ ବର୍ତ୍ତମାନ ଅଗ୍ରଣୀ ସାମାଜିକ ସଂଗଠନ ବୟାଳିଶମୌଜା ବିକାଶ ପରିଷଦ, ୪୨ ମୌଜା ଶାନ୍ତି କମିଟି, ଜଗନ୍ନାଥ କୃପା ପରିଷଦ, ୪୨ ମୌଜା ସାଂସ୍କୃତିକ ମହୋତ୍ସବ ଉପଦେଷ୍ଟା, ସରସ୍ୱତୀ କଳା ପରିଷଦ, କିଶନନଗର ଶିଶୁ ମଙ୍ଗଳ କ୍ଲବ, ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ସୋଗଲ, ବନ୍ତୁଣିଆ ଗ୍ରାମ୍ୟ କମିଟିର ସଭାପତି ଆଦି ବହୁ ସଂଗଠନ ସହ ଜଡ଼ିତ ରହି ସେବା କାର୍ଯ୍ୟରେ ନିଜର ସାଧନା ଜାରି ରଖିଛନ୍ତି । ନିଜ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେବା ଆଉ ଜାତୀୟତାବୋଧରେ ଉଦବୁଦ୍ଧ ହୋଇ 'ବଟକୃଷ୍ଣ ବିଶ୍ୱାଳ ମେମୋରିଆଲ ଟ୍ରଷ୍ଟ' ଗଠନ କରି ମେଧା ପ୍ରତିଭା ଅନ୍ୱେଷଣରେ ଦୀର୍ଘ ଦିନ ହେବ ସାଧନାରତ । ଏଥିସହ କମ୍ୟୁନିକେସନ ଷ୍ଟାଫ୍ ଆସୋସିଏନର ସର୍ବଭାରତୀୟ ସାଧାରଣ ସଂପାଦକ, ମହାନଦୀ ଓ ପୂର୍ବ ନଦିଆ ମଣ୍ଡଳର ଲିଡର ଷ୍ଟାଫ୍ ସାଇଡ୍ ଭାବେ କାର୍ଯ୍ୟକରି ଜଣେ ଟ୍ରେଡ୍ ୟୁନିୟନ ଲିଡର ରୂପେ ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଗାଁ ମାଟିର ତଥା ଗ୍ରାମାଞ୍ଚଳ ପ୍ରଥା ପରମ୍ପରା, ପରିବେଶ ସୁରକ୍ଷା, ସଂସ୍କୃତିର ପୂର୍ଣ୍ଣାଙ୍ଗ ବିକାଶ ଦିଗରେ ସେ ସଦା ତତ୍ପର ଆଉ କଟକ ସଦର ମାଟିରେ ଶିଶୁ ପ୍ରତିଭାର ଉନ୍ନତି ପାଇଁ ପତ୍ରପତ୍ରିକା ପ୍ରକାଶନ, ଆଉ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ପୁଣି ପାଠକ ସୃଷ୍ଟି କରିବାରେ ତାଙ୍କ ଅଗ୍ରଣୀ ଭୂମିକା ରହିଛି ଏଥିସହ ବହୁ ଉଚ୍ଚାଙ୍ଗ ତଥା ଜ୍ଞାନୀଗୁଣି ବ୍ୟକ୍ତି ବିଶେଷଙ୍କ ସହ ଯୋଗାଯୋଗ ରକ୍ଷାକରି ସମାଜ ମଙ୍ଗଳ କାର୍ଯ୍ୟ ସମ୍ପାଦନ ଏବଂ ଜ୍ଞାନ ବିଜ୍ଞାନକୁ ନେଇ ଆଲୋଚନା ଚକ୍ର ଆଦି ଆୟୋଜନ କରି ସୁଶିକ୍ଷା, ସମାଜ ସଂସ୍କାରର ଭିତ୍ତିଭୂମିକୁ ଅଗ୍ରସର କରାଇଛନ୍ତି । ଗାଁ ମାଟିକୁ ଅନ୍ତରର ସହ ଭଲ ପାଉଥିବା ଏହି ମଣିଷ ଗ୍ରାମ ଭାଗବତ ଟୁଙ୍ଗୀର ଉନ୍ନତି, ପାଠାଗାର ଆନ୍ଦୋଳନ ଓ ରକ୍ତଦାନ ସେବା ଅଭିଯାନକୁ ତ୍ୱରାନିତ୍ୱ କରିବା, ଗାଁରେ ଅନୁଷ୍ଠିତ ହେଉଥିବା ସମସ୍ତ ପର୍ବପର୍ବାଣୀକୁ ଲୋକାଭିମୁଖୀ କରିବା ସହ ଭାଇଚାରା ସୃଷ୍ଟି କରିବା ଏପରିକି ଗାଁର କୌଣସି ବାଦବିବାଦ, ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରି ଜଣେ ବାସ୍ତବ ମୁରବୀର ପରିଚୟ ଦେଇଛନ୍ତି ଯାହାକି ସଦା ଶିକ୍ଷଣୀୟ ଓ ଗ୍ରହଣୀୟ । ତାଙ୍କ ଉଲ୍ଲେଖନୀୟ ସଫଳ କୃତୀର ସ୍ୱୀକୃତି ସ୍ୱରୂପ ବହୁ ସଂଗଠନ ପକ୍ଷରୁ ଉଚ୍ଚ ପ୍ରଶଂସିତ ଆଉ ସମ୍ବର୍ଦ୍ଧିତ । ଉଦାରପ୍ରାଣ ସମାଜସେବୀ, ମାନବବାଦୀ, ଉଚ୍ଚ ମନୋଭାବ ସମ୍ପନ୍ନ ବ୍ୟକ୍ତିତ୍ୱ ଅଶୋକଙ୍କ ଚଲାପଥ କୁସୁମିତ ହେଉ ତାଙ୍କ ସ୍ୱପ୍ନ ହେଉ ସଫଳ ଓ ସମଲବ୍ଧ ଏବଂ ସେ ଆମ ବିକଶିତ ମାନବ ଯୁଗର ମାର୍ଗ ଦର୍ଶକ ହୁଅନ୍ତୁ ଏତିକି ଆଶାବାଦୀ ।

ଏହି ସପ୍ତାହ, ସେହି ବର୍ଷ (ଜୁଲାଇ ୨୭-ଅଗଷ୍ଟ ୨)

ଏଇ ସପ୍ତାହ

ଜୁଲାଇ ୨୭, ୧୮୯୭-ବାଲ୍ ଗଙ୍ଗାଧର ତିଲକ ପ୍ରଥମ ଥର ପାଇଁ ଗିରଫ ହୋଇଥିଲେ ।

ଜୁଲାଇ ୨୮, ୧୯୧୪-ଏହି ଦିନ ପ୍ରଥମ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇଥିଲା ।

ଜୁଲାଇ ୨୯, ୧୯୮୦-ମସ୍କୋ ଅଲିମ୍ପିକରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ।



ଜୁଲାଇ ୩୦, ୧୯୦୯-ରାଇଟ୍ ଭାତୃଦ୍ୱୟ ସେନାର ପ୍ରଥମ ବିମାନ ତିଆରି କରିଥିଲେ ।

ଜୁଲାଇ ୩୧, ୧୯୯୩-ଦେଶର ପ୍ରଥମ ଭାସମାନ ସମୁଦ୍ରୀ ସଂଗ୍ରହାଳୟକୁ କୋଲକାତା ଠାରେ ଉଦ୍‌ଘାଟନ କରାଯାଇଥିଲା ।

ଅଗଷ୍ଟ ୧, ୨୦୦୬-ଜାପାନରେ ଦୁନିଆର ପ୍ରଥମ ଭୂମିକମ୍ପ ପୂର୍ବ ଚେତାବନୀ ସେବା ଆରମ୍ଭ କରାଯାଇଥିଲା ।

ଅଗଷ୍ଟ ୨, ୧୮୫୮- ବ୍ରିଟିଶ ସରକାର ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ପାରିତ କରିଥିଲେ ।

୭୭ ବର୍ଷ ବୟସରେ ଓଡ଼ିଶା ହାଇକୋର୍ଟ

■ ସୌର ଚନ୍ଦ୍ର ମହାପାତ୍ର

ଆଜିକୁ ୭୬ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ସାର ହରିଲାଲ ଜେ କାନିଆଙ୍କ ଦ୍ୱାରା କଟକ ସହରରେ ହିଁ ହାଇକୋର୍ଟ ଉଦଘାଟିତ ହୋଇଥିଲା । ହାଇକୋର୍ଟ ଗଠନ ପଛରେ ରହିଛି ଏକ ଲମ୍ବା ଇତିହାସ । ୧୯୧୨, ମାର୍ଚ୍ଚ ୨୨ ବିହାର ଓ ଓଡ଼ିଶାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥାଏ । ଏହି ପ୍ରଦେଶର ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଥିଲା କଲିକତା ହାଇକୋର୍ଟଙ୍କ ଅଧୀନରେ । ୧୯୧୬, ଫେବୃଆରୀ ୯ରେ ପାଟନା ହାଇକୋର୍ଟ ପ୍ରତିଷ୍ଠା ହେଲା । ଭାରତ ଶାସନ ଆଇନ ଅନୁସାରେ ବ୍ରିଟିଶ ରାଣୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବଳରେ ଏହି କୋର୍ଟ ଆରମ୍ଭ ହୋଇଥିବା କୁହାଯାଏ । ୧୯୧୬, ମେ ୧୯ରେ କଟକରେ ପାଟନା ହାଇକୋର୍ଟର ପ୍ରଥମ ସର୍କିଟ ବେଞ୍ଚ ବସିଥିଲା । ଏହି ସର୍କିଟ ବେଞ୍ଚରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚେମିୟର ଓ ଜଷ୍ଟିସ ସରଫଉଦ୍ଦିନ ବସି ବିଭିନ୍ନ ମାମଲାର ବିଚାର କରିଥିଲେ । ମଧୁ ବାରିଷ୍ଟର ଓରଫ ଉତ୍କଳ ଗୌରବ ମଧୁସୂଦନ ଦାସ ସେତେବେଳେ ଥାଆନ୍ତି ବାର ଆସୋସିଏସନର ସଭାପତି । ଏହି ବେଞ୍ଚଟି ଦିନେ ସ୍ଥାୟୀ ହାଇକୋର୍ଟରେ ରୂପାନ୍ତରିତ ହେବ ବୋଲି ମଧୁବାବୁ ଭବିଷ୍ୟବାଣୀ ଶୁଣାଇଥିଲେ ।

୧୯୪୮ ମସିହା ଜୁଲାଇ ୨୬ ତାରିଖ ପୂର୍ବାହ୍ନରେ ହାଇକୋର୍ଟକୁ ଉଦଘାଟନ କରିଥିଲେ ଫେଡେରାଲ କୋର୍ଟ (ବର୍ତ୍ତମାନର ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତି ସାର ହୀରାଲାଲ ଜେ.କାନିଆଁ । ମୁଖ୍ୟ ବିଚାରପତିଙ୍କ ସହିତ ତିନିଜଣ ସହଯୋଗୀ ବିଚାରପତି, ଜଷ୍ଟିସ ବୀରକିଶୋର ରାୟ ପ୍ରଥମ ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଥିବାବେଳେ ଜଷ୍ଟିସ ବାବୁ ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ ଓ ଜଷ୍ଟିସ ଆର.ଏଲ.ନରସିଂହମ୍ଙ୍କୁ ଉଦଘାଟନୀ ଉତ୍ସବରେ ତତ୍କାଳୀନ ରାଜ୍ୟପାଳ ଆସଫ ଅଲ୍ଲୀ ଶପଥ ଗ୍ରହଣ କରାଇଥିଲେ । ୧୯୪୬ ମସିହାରେ ସେ ସମୟରେ ପ୍ରଧାନମନ୍ତ୍ରୀ ରୂପେ ଅଧିଷ୍ଠିତ ଡ.ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳ ଗଠନର ଦୁଇ ବର୍ଷ ପରେ ପାଟନା ହାଇକୋର୍ଟରୁ ପୃଥକ ହୋଇ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ୧୯୧୩ ମସିହାରେ ଇଂରେଜ ସରକାର ଓଡ଼ିଶାର କଟକଠାରେ ଓଡ଼ିଶା ଜର୍ଜକୋର୍ଟ ସ୍ଥାପନ କରିଥିଲେ । ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ ସୁଦ୍ଧା ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହେବାକୁ ବାରବର୍ଷ ଲାଗିଗଲା । ଏହାର କାରଣ ଥିଲା ମାନ୍ଦ୍ରାଜ (ମାଡ୍ରାସ) ପ୍ରେସିଡେନ୍ସିର ରାଇଟର୍ସ ବିଲଡିଂ ନିର୍ଦ୍ଦେଶରେ ଶାସିତ ହେଉଥିବା ଦକ୍ଷିଣ ଓଡ଼ିଶା ଅଞ୍ଚଳ ଓଡ଼ିଶାରେ ସାମିଲ ହୋଇଥିଲା ।

୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା । ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ହେଉ, ଏଇ ଦାବୀ କୁହୁଳିଲା ଏଇ ଦିନଠାରୁ । ୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା । ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରୀମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା । ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ୍ତ ରିପୋର୍ଟରେ ସବତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ । ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା । ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା ।

ଇଂରେଜ ରାଜତ୍ୱ ସମୟରୁ (ସ୍ୱାଧୀନତା ପରେ ମଧ୍ୟ) ଯେଉଁମାନେ ମାଟ୍ରିକ୍ୟୁଲେସନ ପରେ ଆଇନରେ ଡିପ୍ଲୋମା ପାସ୍ କରୁଥିଲେ ସେମାନଙ୍କୁ ମୁକ୍ତିଆର କୁହାଯାଉଥିଲା । ସେମାନେ କେବଳ ତଳ କୋର୍ଟରେ କାର୍ଯ୍ୟ କରୁଥିଲେ । ଯେଉଁମାନେ ବିଏ ପାସ୍ ପରେ ବିଏଲ ପାସ୍ କରୁଥିଲେ ସେମାନେ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ସହିତ ଅନ୍ୟାନ୍ୟ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ । (ପୂର୍ବରୁ ମେଡ଼ିକାଲରେ ଯେପରି ବ୍ୟବସ୍ଥା ଥିଲା) । ୧୯୬୨ ପରଠାରୁ ମୁକ୍ତିଆର ବ୍ୟବସ୍ଥା ଉଠାଇ ଦିଆଗଲା । ସମସ୍ତେ ଆଡଭୋକେଟ ରୂପେ ତଳକୋର୍ଟ ସମେତ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ବ୍ୟବସ୍ଥା ହେଲା । ୧୯୬୧ ମସିହା ପରଠାରୁ ଷ୍ଟେଟ ବାର କାଉନସିଲ ସାରା ରାଜ୍ୟରେ ୫୮,୩୨୯ ଜଣଙ୍କୁ ଆଇନ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହି ୬୨ ବର୍ଷ ମଧ୍ୟରେ ୧୯୯୯ ମସିହାରେ ୩୭୬୮ ଜଣଙ୍କୁ ଲାଇସେନ୍ସ ଦେଇଥିବାବେଳେ ୧୯୬୧ ମସିହାରେ ମାତ୍ର ୨୬ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରିଥିଲେ । ୧୯୬୭ ମସିହା ପୂର୍ବରୁ ଆଇନ ବ୍ୟବସାୟ କରିବା ନିମନ୍ତେ ଭିନ୍ନ ପ୍ରକାର ବ୍ୟବସ୍ଥା ଥିଲା । ଆଡଭୋକେଟ ହେବାକୁ ହେଲେ ଜଣେ ସିନିୟର ଆଡଭୋକେଟ ପାଖରେ ୧ବର୍ଷ ୧୦ ମାସ ଆର୍ଟିକିଲ କ୍ଲର୍କ ଭାବେ କାର୍ଯ୍ୟ କରି ଲିଖିତ ଓ ମୌଖିକ ପରୀକ୍ଷାରେ ପାସ କରିବା ପରେ ଲାଇସେନ୍ସ ଦିଆଯାଉଥିଲା । ପୁନରାୟ ୨୦ ବର୍ଷ ପରେ ବାର କାଉନସିଲ ନିଷ୍ପତ୍ତି ଅନୁଯାୟୀ ଏକ ବର୍ଷ ପରେ ଲାଇସେନ୍ସ ବ୍ୟବସ୍ଥା ଚାଲି ଆସୁଥିବାବେଳେ ୧୯୯୯ରେ ତାହା ଉଠାଇ ଦିଆଯାଇଥିଲା । ଯେଉଁମାନେ ଲ ପାସ୍ କଲେ ସେମାନେ କୋର୍ଟରେ ପ୍ରାକ୍ଟିସ କରିପାରିବେ ।

ହାଇକୋର୍ଟ ଶୁଭାରମ୍ଭ ସମୟରେ କର୍ମଚାରୀ ଥିଲେ ୧୨୩ ଜଣ । ହାଇକୋର୍ଟକୁ ୫୦ ବର୍ଷ ଅତିକ୍ରାନ୍ତ କରିଥିବାବେଳେ ହାଇକୋର୍ଟରେ ଥିଲେ ୬୧୦ଜଣ କର୍ମଚାରୀ । ସେମାନଙ୍କ ମଧ୍ୟରୁ ମାତ୍ର ୪୦ଜଣ ମହିଳା କର୍ମଚାରୀ । ବିଭିନ୍ନ ପ୍ରକାର ମାଲିମକଦ୍ଦମା ପଞ୍ଜୀକରଣ ଦୃଷ୍ଟିରୁ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକ ହେବାରୁ ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ଅଛନ୍ତି ୧୩୬୯ କର୍ମଚାରୀ । ସେମାନଙ୍କ ମଧ୍ୟରୁ ୧୨୮ ମହିଳା କର୍ମଚାରୀ । ଭବିଷ୍ୟତକୁ ଆଖି ଆଗରେ ରଖି ବିଚାରପତି ଅଧିକ ଆବଶ୍ୟକତା ଦୃଷ୍ଟିରୁ କୋର୍ଟ ରୁମ୍ ବ୍ୟବସ୍ଥା ନିମନ୍ତେ ୨୦୦୮ରେ ନୂତନ ସୌଧ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା । ୨୦୧୪ ଜାନୁଆରୀ ୨ ତାରିଖ ଠାରୁ ନୂତନ ସୌଧରେ କୋର୍ଟ କାର୍ଯ୍ୟ ସମ୍ପାଦନ କରାଯାଉଛି । ଓଡ଼ିଶା ହାଇକୋର୍ଟରେ ୨୦୨୨ ଜୁଲାଇ ସୁଦ୍ଧା ୧୮୮୮୬୯ଟି ମକଦ୍ଦମା ବିଚାର ଅପେକ୍ଷାରେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସିଫ ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ । ପଶ୍ଚିମବଙ୍ଗର ତତ୍କାଳୀନ ରାଜ୍ୟପାଳ ଡକ୍ଟର କୈଳାସ ଚନ୍ଦ୍ର କାଟଜୁ, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର ସୀଲତାନ ଅହମ୍ମଦ, ବଙ୍ଗଳାର ଆଡଭୋକେଟ ଜେନେରାଲ ସାର ଏସ.ଏସ.ବୋଷ ପ୍ରମୁଖ ଯୋଗ ଦେଇଥିଲେ । ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଓଡ଼ିଶା ହାଇକୋର୍ଟର ଅନ୍ୟସବୁ ସ୍ଥାୟୀ ବିଚାରପତି ମାନଙ୍କ ମଧ୍ୟରେ ଥିଲେ ଜଷ୍ଟିସ ବି.ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପ୍ରାଣିଗ୍ରାହୀ, ଜଷ୍ଟିସ ଆର.ଏଲ. ନରସିଂହମ । ଏମାନଙ୍କୁ ନେଇ ଓଡ଼ିଶା ହାଇକୋର୍ଟ ଆରମ୍ଭ ହୋଇଥିଲା । ୧୯୫୮, ଜୁଲାଇ ୨୬ ତାରିଖରେ ହାଇକୋର୍ଟଙ୍କ ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ପରଲୋକ ହୋଇଥିଲା । ଏହି କାରଣରୁ ଜୁଲାଇ ୨୬ ତାରିଖକୁ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଉଛି ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୬୬'
ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ଇମେଲ : soura999mohapatra@gmail.com

ଦୁଷ୍କର୍ମ ଓ ବିଳମ୍ବିତ ଦଣ୍ଡ !

ଗଣମାଧ୍ୟମର ମୁଖ୍ୟ ଖବର ଭାବରେ ଦୁଷ୍କର୍ମ କିମ୍ବା ଗଣଦୁଷ୍କର୍ମ ପ୍ରାୟ ପ୍ରତ୍ୟେକଦିନ ଖବରର ଶିରୋନାମା ପାଲଟୁଛି । ଏଭଳି ଘଟଣା ଦିନକୁ ଦିନ ଅଧିକ ସଂଖ୍ୟାରେ ବଢ଼ିବାର କାରଣ କଣ, ତାହା ବି ଅସମାହିତ ପ୍ରଶ୍ନ ହୋଇ ରହିଯାଉଛି । ଉପଯୁକ୍ତ ଶାସ୍ତି ବିଧାନ ହୋଇପାରୁନାହିଁ ନା ଲୋକଙ୍କ ମନ ଭିତରେ ଆଇନକୁ ଭୟ ନାହିଁ ? ଲୋକଙ୍କର ଧାରଣା ଆଇନ ବ୍ୟବସ୍ଥା ପ୍ରତି ଯାହା ଥିଲା, ଆଜି ତାହା ଏକ ପ୍ରଶ୍ନବାଚୀ ହୋଇ ସମସ୍ତଙ୍କ ଆଗରେ ଛିଡ଼ା ହୋଇଛି । ପ୍ରାୟ ଅଧିକାଂଶ ଲୋକଙ୍କର ଧାରଣା, ଏହା ଏକ ଆଇନ ବ୍ୟବସ୍ଥାର ପ୍ରହସନ । ଦିନ ପରେ ଦିନ ଗଡ଼ି ଚାଲିଥିଲେ ସୁଦ୍ଧା ଜଘନ୍ୟ ଅପରାଧୀଙ୍କୁ ବଞ୍ଚେଇ ରଖିବାର ଇଏ ଏକ ପ୍ରଶାସନିକ ଚାଲ ବୋଲି କେହି କେହି ବି କହୁଛନ୍ତି ।

କିନ୍ତୁ ବାସ୍ତବ କଥାକୁ ଯଦି ତର୍ଜମା କରାଯାଏ, ତାହେଲେ ପ୍ରକୃତ କଥା ହିଁ ଲୋକଲୋଚନକୁ ଆସିପାରିବ । କାହିଁକି ନ୍ୟାୟିକ ବ୍ୟବସ୍ଥାରେ ବିଳମ୍ବ ଘଟୁଛି ।

ଯେକୌଣସି ଦୁଷ୍କର୍ମ ମାମଲା ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଲୋକଙ୍କର ଦୋଷୀ ଦଣ୍ଡ ପାଇବାକୁ ନେଇ ବେଶ୍ ଉତ୍ସାହ ଥାଆନ୍ତି । ଦୋଷୀକୁ ଦଣ୍ଡ ଦେବାରେ ବିଳମ୍ବ ହେଲେ ଆଇନକାନୁନ ପ୍ରତି ଲୋକଙ୍କ ବିଦ୍ୱେଷଭାବ ସୃଷ୍ଟି ହୁଏ । କିନ୍ତୁ ଏହି ଘଟଣାରେ ନ୍ୟାୟିକ ବ୍ୟବସ୍ଥାକୁ ଦାୟୀ ସମ୍ପୂର୍ଣ୍ଣ ଭାବେ କରାଯାଇ ନପାରେ । କୌଣସି ମାମଲାର ବିଚାର ଖାଲି କୋର୍ଟର ଦାୟିତ୍ୱ ନୁହେଁ । ଏହାପଛରେ ଅଭିଯୁକ୍ତ, ପୀଡ଼ିତା, ପୁଲିସ, ସାକ୍ଷୀ ତଥା ଆଇନର ବିଭିନ୍ନ ଦିଗ ଦାୟୀ ରୁହନ୍ତି । ଜଣେ ବିଚାରପତି ଚାହିଁଲେ ଜଣକୁ ଫାଶୀ ଦଣ୍ଡାଦେଶ କରିଦେବ କିମ୍ବା ଫାଶୀ ଦଣ୍ଡ ଦିଆଯାଇଥିବା ଲୋକ ହଠାତ୍ ଫାଶୀ ପାଇଯିବ, ତାହା ବି ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ବିଧେୟ ନୁହେଁ । କାରଣ ଅନେକ ପ୍ରକାର ଆଇନର ଗଳାବାଟ ରହିଛି, ଯାହାଦ୍ୱାରା ଜଣେ ଅଭିଯୁକ୍ତ ଅନେକ ଦିନ ପର୍ଯ୍ୟନ୍ତ ଆଇନ ଭିତରେ ଖେଳି ଫାଶୀ ଦଣ୍ଡାଦେଶକୁ ବି ଘୁଞ୍ଚାଇ ଦେଇପାରେ । ଯେତେବେଳେ ଥାନାରେ ଦୁଷ୍କର୍ମ ମାମଲାର ଅଭିଯୋଗ ଆସେ, ସେତେବେଳେ ପୁଲିସର ବି ଅନେକ ଦାୟିତ୍ୱବୋଧ ଥାଏ । ଠିକ୍ ସମୟରେ ଚାର୍ଜସିଟ୍ ଦାଖଲ କରିବା ଅନେକ ସମୟରେ ପୁଲିସ ପକ୍ଷରେ ସମ୍ଭବ ହୋଇପାରେ ନାହିଁ । ଅଭିଯୁକ୍ତ ଧରାଛୁଆଁ ନଦେବା କିମ୍ବା ପୀଡ଼ିତା ଭୟରେ ସଠିକ ତଥ୍ୟ ପ୍ରଦାନ ନକରିବା କାରଣରୁ ପୁଲିସକୁ ଅଡୁଆ ପରିସ୍ଥିତିର ସାମନା କରିବାକୁ ପଡ଼େ । ଏମିତି ବି ହୁଏ ବର୍ଷ ବର୍ଷ ଧରି ପୁଲିସ ଘଟଣାର କୌଣସି ଖିଅ ନପାଇ ଚାର୍ଜସିଟି ଦାଖଲ କରିପାରେ ନାହିଁ । ଫଳରେ ଅଭିଯୁକ୍ତ ନିଦ୍ୱର୍ନ୍ଦ୍ୱରେ ବୁଲିଲେ ବି ପୁଲିସ କିଛି କରିପାରେ ନାହିଁ । ଯେତେବେଳେ ମାମଲାର ଶୁଣାଣିର ସମୟ ସୀମା ବଢି ବଢ଼ି ଚାଲିଥାଏ, ମାମଲାର ଦିଗ ବି ବାଟବଣା ହୋଇଯାଉଥାଏ । ଅନେକ ତଥ୍ୟ ପୁଲିସର ହସ୍ତଗତ ହୋଇପାରେ ନାହିଁ । ପ୍ରମାଣସିଦ୍ଧ କରିବାକୁ ସାକ୍ଷୀ କିମ୍ବା ତଥ୍ୟର ତାଳମେଳ ରହୁ ନଥିବା କାରଣରୁ ମାମଲା ବି ମିଳେଇଯାଇଥାଏ । ଅନେକ ସମୟରେ ପୀଡ଼ିତା କୌଣସି କାରଣରୁ ଚାପ ହେଉ ବା ଲୋକଲଜ୍ଜା, ସତ କହିବାକୁ ପଛାଇ ଯାଇଥାଏ । ଫଳରେ ପୁଲିସ ହାତଗୋଡ଼ ବାନ୍ଧି ବସିଯାଇଥାଏ ସିନା କରିବାକୁ ତା ହାତରେ କିଛି ଯୁ ନଥାଏ । ଗୋଟିଏ ଘଟଣାରେ ଅନେକ ଅଭିଯୁକ୍ତ ଥିଲେ ବି ସମସ୍ତେ ଧରା ପଡୁ ନଥିବା କାରଣରୁ ବା କୋର୍ଟରେ ହାଜର ହୋଇ ପାରୁ ନଥିବା କାରଣରୁ ମାମଲାର ସମୟସୀମା ଆହୁରି ଦୀର୍ଘ ହୋଇ ଚାଲୁଥାଏ । ଚାର୍ଜସିଟି ଦାଖଲ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଦାଖଲ ହୋଇ ପାରୁ ନଥିବା କାରଣରୁ ଓ ସମସ୍ତ ଅଭିଯୁକ୍ତ ଗିରଫ ହୋଇ ପାରୁ ନଥିବା କାରଣରୁ ମଧ୍ୟ ମାମଲା ବାଟବଣା ହେଉଥାଏ ।

ବିଭିନ୍ନ କାରଣରୁ ଦୋଷୀ ଫାଶୀ ଦଣ୍ଡାଦେଶ ହୋଇଥିଲେ ସୁଦ୍ଧା ଫାଶୀ ଖୁଣ୍ଟରେ ଝୁଲିବାକୁ ବିଳମ୍ବ ହୋଇଥାଏ । ନିର୍ଭୟା ମାମଲା ପରି ଯଦି ଏକାଧିକ ଲୋକ ଜଡ଼ିତ ଥିବେ ଓ ସମସ୍ତେ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ ହୋଇଥିବେ, ତାହେଲେ ସେମାନେ ପରେ ରିଭ୍ୟୁ ପିଟିସନ୍ ଦାଖଲ ଅଲଗା ଅଲଗା କରିପାରିବେ । ଏହି ମାମଲାରେ ଯଦି ସମସ୍ତେ ଏକା ସାଙ୍ଗରେ ନକରି ଜଣକ ପରେ ଜଣେ ପିଟିସନ ଦାଖଲ କରିବେ, ତାହା ବିଚାର ବିଭାଗୀୟ ଅଦାଲତ ମାମଲାର ପର୍ଯ୍ୟବେକ୍ଷଣ ପାଇଁ ଯେଉଁ ସମୟ ନିଏ, ତାହା ହୁଏତ ଦୋଷୀଙ୍କ ପାଇଁ ଗଳାବାଟ ସଦୃଶ ଉପଯୋଗ ହୋଇପାରେ । ଫଳରେ ଦୋଷୀର ଦଣ୍ଡାଦେଶ ଘୁଞ୍ଚି ଘୁଞ୍ଚି ଚାଲିଥାଏ । ସେମିତି ମଧ୍ୟ ରାଜକ୍ଷମା ପାଇବାର ଯେଉଁ ବ୍ୟବସ୍ଥା ରହିଛି ତାହାର ଉପଯୋଗ କରି ସେମାନେ ରାଜକ୍ଷମା ପାଇବାକୁ ଆବେଦନ କରିପାରିବେ । ଫାଶୀ ତାରିଖ ସିଦ୍ଧାନ୍ତ ହୋଇଥିଲେ ସୁଦ୍ଧା ଫାଶୀ ପାଇବାରେ ବିଳମ୍ବ ପରିଲକ୍ଷିତ ହୁଏ । ଗୋଟିଏ ମାମଲାରେ ଯଦି ଅନେକ ସଂପୃକ୍ତ ଥିବେ, ଏହିଭଳି ତାରିଖ ଘୁଞ୍ଚିବା କିଛି ବଡ଼ କଥା ନୁହେଁ । ଏହିସବୁ ଘଟଣା ସମ୍ବେଦନଶୀଳ ହୋଇଥିବା କାରଣରୁ ଲୋକମାନଙ୍କ ଭିତରେ ଏକ ଭାବପ୍ରବଣତା କାମ କରିଥାଏ । ଫଳରେ କିଛି ନବୁଝିସୁଝି ନ୍ୟାୟିକ ବ୍ୟବସ୍ଥାକୁ ଦୋଷ ଦେବାକୁ ସମାଜର ଲୋକମାନେ ପଛାନ୍ତି ନାହିଁ । ବିଳମ୍ବିତ ନ୍ୟାୟ ପ୍ରଦାନ ବା ଫାଶୀ ତାରିଖ ପରିବର୍ତ୍ତନ କରିବାରେ କୋର୍ଟର ଭୂମିକା ଯେତେ ନଥାଏ ବେଶୀ ଥାଏ ସାମ୍ବିଧାନିକ ଗଳାବାଟର ବ୍ୟବସ୍ଥା । ବଡ଼କଥା ହେଲା ସେମାନେ ଦୋଷୀ ହେଲେ ବି ଆଇନର ପରିସର ବାହାରକୁ ତ ଯାଉନାହାନ୍ତି । ଦେଶରେ ଯେଉଁ ନିୟମକାନୁନ ରହିଛି ତାହାର ସେମାନେ ଉପଯୋଗ କରୁଛନ୍ତି । ଏମିତି କିଛି ଘଟଣା ବି ଅଛି ଯେଉଁଥିରେ ମାମଲାର ସତ୍ୟତା ଉପରେ ସନ୍ଦିହାନ ଅଛି ଓ ଆଇନ ବ୍ୟବସ୍ଥାରେ ତାହା ମିଛରେ ହେଉ ବରଂ ପ୍ରମାଣିତ ହୋଇଯାଇଛି । ସେହିସବୁ କ୍ଷେତ୍ରରେ କାହାର ଜୀବନ ନେବା ପୂର୍ବରୁ ଆଇନର ଯେଉଁ ବ୍ୟବସ୍ଥା ରହିଛି, ତାହାର ଉପଯୋଗ କରିବାକୁ ସୁଯୋଗଟିଏ ମଧ୍ୟ ସାମ୍ବିଧାନିକ ବ୍ୟବସ୍ଥା ତିଆରି କରିଛି । ସେଥିପାଇଁ ରିଭ୍ୟୁ ପିଟିସନ୍ ହେଉ ଅବା ରାଜକ୍ଷମାର ଏକ ବ୍ୟବସ୍ଥା ରହିଛି । ତେଣୁ ଭାବିବା ଠିକ୍ ନୁହେଁ ଯେ ନ୍ୟାୟିକ ବ୍ୟବସ୍ଥା ଠିକ ଭାବରେ କାମ କରୁନାହିଁ ।

ଆଇନ କାହାର ସମ୍ବେଦନ କିମ୍ବା ଭାବପ୍ରବଣକୁ ନେଇ କାମ କରେନାହିଁ ବୋଲି ମନରୁ ଦୂରେଇବାକୁ ପଡ଼ିବ । ତଳକୋର୍ଟରେ ଫାଶୀ ଦଣ୍ଡାଦେଶ କରିଥିଲେ ସୁଦ୍ଧା ଉପର କୋର୍ଟର ନିର୍ଦ୍ଦେଶ ବା ସୁପାରିଶକୁ ଅପେକ୍ଷା କରିବାକୁ ପଡ଼ିବ । ଯଦି ଆଇନ ବ୍ୟବସ୍ଥାରେ କୌଣସି ମାମଲାରେ ଭାବପ୍ରବଣ ହୋଇ ଶୀଘ୍ର ଫାଶୀ ହୋଇଯାଉ ବୋଲି ମତବ୍ୟକ୍ତ କରିବା, ତାହେଲେ ଏମିତି କିଛି ସତ ଘଟଣାରେ ଦଣ୍ଡିତ ହେଉଥିବା ଲୋକକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ କାଠିକର ପାଠ ହୋଇପାରେ । ତେଣୁ ଆଇନ ତା ବାଟରେ ଠିକ୍ କାମ କରୁଛି, ସେଥିପାଇଁ ଅଯଥା ବିତର୍କକୁ ଏହା ଭିତରକୁ ଟାଣିବା ଉଚିତ ନୁହେଁ ।

ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ

ଦୀପକ ଓ ଦିନେଶ ସୃଷ୍ଟିକଲେ ନୂଆ ଅଧ୍ୟାୟ

ନ'ଅଙ୍କ ଦୁର୍ଭିକ୍ଷ। ଓଡ଼ିଶା ଇତିହାସର ଏକ ଛାତିଥରା କରୁଣ ଦସ୍ତାବିଜ୍। ଇତିହାସର ସେ ପୃଷ୍ଠାକୁ ଅବଲୋକନ କଲେ, ଛାତି ଥରି ଉଠେ। ଓଡ଼ିଶାର ସେହି ଛାତିଥରା ଘଟଣାକୁ ନେଇ ଯାତ୍ରାର ରୂପ ଦେବା କିଛି କମ୍ କଥା ନୁହେଁ। ଏଭଳି ପ୍ରୟାସ ପ୍ରଥମଥର ଯାତ୍ରାରେ କରାଯିବା ଓ ରିକ୍ସ ନେଇ ନୂଆ ଅଧ୍ୟାୟ ସୃଷ୍ଟି କରିବା ସହ ସଫଳ ହେବା ପ୍ରାୟ ଆଜିଯାଏ ଦେଖାଯାଇନାହିଁ। ଡ. ଦୀପକ ଜେନାଙ୍କ ରଚିତ ଏବଂ ଓଡ଼ିଆ ନାଟକର ଧ୍ରୁବତାରା ତଥା ଅନନ୍ୟ ପ୍ରତିଭାଧାରୀ ନିର୍ଦ୍ଦେଶକ ଦିନେଶ ଦାସଙ୍କ ନିଆରା ଶୈଳୀରେ ନିର୍ଦ୍ଦେଶିତ ତଥା ଯାତ୍ରା ଇନ୍ଦ୍ରଭୁବନ ପ୍ରଯୋଜିତ, ନ'ଅଙ୍କ ଦୁର୍ଭିକ୍ଷ' ଦୃଷ୍ଟିଗୋଚର ହୋଇଛି।

ଓଡିଶା ଇତିହାସର ଫର୍ଦ୍ଦ ଲେଉଟେଇଲେ ସବୁଠାରୁ ହୃଦୟ ବିଦାରକ ଯେଉଁ ଦୃଶ୍ୟ ମାନସ ପଟଳରେ ଉଭାସିତ ହୋଇଉଠେ, ସେଥିମଧ୍ୟରୁ ନଅଙ୍କ ଦୁର୍ଭିକ୍ଷର ସ୍ଥାନ ବୋଧ ହୁଏ ପ୍ରଥମ। ସେଇଭଳି ଏକ ପ୍ରେମ ବିହୀନ, ଶୃଙ୍ଗାର ରସହୀନ, ହାସ୍ୟରସ ଭିନ୍ନ, ଏକ ଗତାନୁଗତିକ ସାମାଜିକ ନାଟକର କାହାଣୀ ଠୁ ଅନ୍ୟ ନାଟକଟିଏ ପ୍ରସ୍ତୁତ କରିବାକୁ ନାଟ୍ୟକାର, ନିର୍ଦ୍ଦେଶକ ମାନେ ଭୟ କରୁଥିବା ବେଳେ ଦୀପକ ଓ ଦିନେଶଙ୍କ ଆହ୍ୱାନକୁ ଗ୍ରହଣ କରି ସେଥିରେ ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି ବୋଲି କୁହାଯାଇପାରେ। ନାଟକର ପ୍ରଥମରୁ ଶେଷ ଯାଏ ବୁଭୁକ୍ଷୁ ମଣିଷର ଆର୍ତ୍ତଚିତ୍କାର, ଚାରିଆଡେ ଶହ ଶହ ଶାଗୁଣାମାନଙ୍କର ବିକଳ ରଡି, ଭୋକିଲା ପେଟର ଜ୍ୱାଳା, କୁଢ଼ କୁଢ଼ ଶବର ପାହାଡ଼, ଭୋକ ଜ୍ୱାଳାରେ ଅତିଷ୍ଠ ମଣିଷ ସହିତ ବୁଲା କୁକୁରମାନଙ୍କର ମଲା ମୁର୍ଦ୍ଦାର ଭକ୍ଷଣ ନିମନ୍ତେ ପ୍ରତିଯୋଗିତା, ମୁଠାଏ ଚାଉଳ ପାଇଁ ସତୀ ଓଡ଼ିଆ ମହିଳା ମାନଙ୍କର ସତୀତ୍ୱର ନିଲାମ, ଅତ୍ୟାଚାରୀ ଜମିଦାର ଆଉ କ୍ରୁର ଇଂରେଜଙ୍କ ବର୍ବରତା ଆଦିକୁ ଅତି ସରଳ ନାଟକୀୟ ଢଙ୍ଗରେ ମଞ୍ଚ ଉପରେ ଉପସ୍ଥାପିତ କରି ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିନେଶ ଦାସ ନିଜର ପାରିବାପଣିଆକୁ ନିଛକ ଭାବରେ ପ୍ରତିପାଦିତ କରିପାରିଛନ୍ତି। ମଝିରେ ମଝିରେ ଖୋଲା ମଞ୍ଚରେ ପ୍ରେକ୍ଷାଳୟ ଦୃଶ୍ୟର ଅବତାରଣା ନିର୍ଦ୍ଦେଶକଙ୍କୁ ଅନ୍ୟମାନଙ୍କ ଠାରୁ ଭିନ୍ନତା ପ୍ରଦାନ କରୁଛି।

ସଂଗୀତରେ ଏକନ ଓ ମାନସ ସାସମଲଙ୍କ ଗୀତ ସହିତ ସମୟୋପଯୋଗୀ ସଂଳାପ, ଶବ୍ଦ ବିନ୍ୟାସ, ଶୀର୍ଷକ ସଙ୍ଗୀତ ଓ କଳାକାରମାନଙ୍କ ଅଭିନୟ ନାଟ୍ୟାନୁରାଗୀମାନଙ୍କୁ ଯେ ଏକ ସୁଖଦ ଅନୁଭୂତି ଦେବ ଏଥିରେ ଦ୍ୱିମତ ନାହିଁ। ଏହି ନାଟକର ଚରିତ୍ରକୁ ନିଖୁଣ ଭାବରେ ନିଭାଇଥିବା କଳାକାରମାନେ ହେଲେ, ବିନୋଦ-ବେ ବିନା, ରତି-ପ୍ରମିଳା, ଆକାଶ, ସୁମନ୍ତ, ବିମଳ, ରଞ୍ଜନ, ଗୁରୁ, କଣ୍ଢେଇ, କୃଷ୍ଣ, ଜୀତ୍, ଦୀପା, ରୀତା।

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ- 'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍/୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com